# ଶୁଭୁନି କିଚିରି ମିଚିରି ଶବ୍ଦ; ଲୋପ ପାଇଲାଣି ଘରଚଟିଆ

**ଅସ୍ତରଙ୍ଗ,୨୦।୩(ସମିସ):** ଜଳବାୟୁ ପରିବର୍ତ୍ତନ ସହିତ ଧରାପୃଷ୍ଠରୁ ବହୁ ଜୀବଜନ୍ତୁ ଧୀରେଧୀରେ ଲୋପ ପାଇବାରେ ଲାଗିଲାଣି। ଦିନ ଥିଲା ଗାଁ ଗହଳିରେ ମାଆମାନେ ଘର ଚଟିଆକୁ ଦେଖାଇ ନିଜ ଛୁଆର ଅଝଟ ପଣ ଦୂର କରିବା ସହିତ ଘର ଚଟିଆ ସମ୍ପର୍କରେ ନାନା ଗୀତ ଗାଇ ନିଜ ଛୁଆକୁ ଖୁଆଇ ଦେଉଥିଲେ। ଅଗଣା ଚାଳରେ ବସା ବାନ୍ଧି ଥିବା ଘର ଚଟିଆ ମଧ୍ୟ କିଚିରି ମିଚିରି ଶବ୍ଦ କରି ଘୂରି ବୁଲୁଥିଲେ ଅଗଣା ସାରା। କିନ୍ତୁ ମଣିଷ ଚାଳ ଘର ଭାଙ୍ଗି ନିଜ ପାଇଁ ଛାତ ଘର ତୋଳିବା ପରେ ଘର ଚଟିଆ ବାସହରା ହୋଇପଡ଼ିଲେ। କ୍ରମାଗତ ଭାବେ ଲୋପ ପାଇବାରେ ଲାଗିଲେ ଘରଚଟିଆ ବଂଶ। ଏବେ ଖୁବ୍ କମ୍ ସଂଖ୍ୟାରେ ଦେଖିବାକୁ ମିଳୁଛନ୍ତି ଘର ଚଟିଆ। ବିଭିନ୍ନ ବିଦ୍ୟାଳୟ, କୋଠା ଘରର ଛାତ ତଳେ ବାୟୁ ଚଳାଚଳ ପାଇଁ ଥିବା ରାସ୍ତାରେ ଘର ଚଟିଆ ନିଜର ବସା ବାନ୍ଧି ରହୁଥିବା ଦେଖିବାକୁ ମିଳୁଥିଲା। ଯାହାକି ଏବେ ତାହା ବି ଦେଖିବାକୁ ମିଳୁନି। ପ୍ରତିବର୍ଷ ମାର୍ଚ୍ଚ କୋଡିଏ ତାରିଖରେ କାଗଜ ପତ୍ରରେ ପାଳନ କରାଯାଉଛି ଘରଚଟିଆ ଦିବସ। କିନ୍ତୁ ଘର ଚଟିଆଙ୍କ ସୁରକ୍ଷା ପାଇଁ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ। ତେଣୁ ଘରା ଚଟିଆ ସୁରକ୍ଷା ଦିଗରେ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ଓ ବିଶେଷ କରି ଗ୍ରାମାଞ୍ଚଳର ପ୍ରକୃତି ପ୍ରେମୀମାନଙ୍କୁ ଘର ଚଟିଆର ସୁରକ୍ଷା ପାଇଁ ସ୍ୱତନ୍ତ୍ର ରୂପେ ତାଲିମ ପ୍ରଦାନ କରାଯିବା ସହିତ ପ୍ରୋତ୍ସାହିତ କରିବା ଉଚିତ୍। ସେହିପରି ବିଦ୍ୟାଳୟରେ ଥିବା ବଗିଚା ଗୁଡ଼ିକରେ ଘର ଚଟିଆଙ୍କ ପାଇଁ ସ୍ୱତନ୍ତ୍ର ଘର ପ୍ରସ୍ତୁତ କରାଯାଇପାରିଲେ ବିଦ୍ୟାଳୟସ୍ତରରୁ ମଧ୍ୟ ଘର ଚଟିଆ ସୁରକ୍ଷା ଅଭିଯାନ ହୋଇପାରନ୍ତା।



# ବିଜୁ ଜନତା ଦଳ ପକ୍ଷରୁ ବିଶ୍ୱ ପଖାଳ ଦିବସ



**ନିମାପଡ଼ା,୨୦।୩(ସମିସ):** ସ୍ଥାନୀୟ ଟାଉନହଲ ପରିସରରେ ଆଜି ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ସଭାପତି ଭାଗ୍ୟଧର ଖଟୋଇଙ୍କ ଦ୍ୱାରା ଆୟୋଜିତ ବିଶ୍ୱ ପଖାଳ ଦିବସରେ ନିମାପଡ଼ା ବିଜେଡି ଦାୟିତ୍ୱରେ ଥିବା ନେତା ଶିକ୍ଷାବିତ୍ ସୁବ୍ରତ ଛାଟୋଇ, ପୁରୀ ଜିଲ୍ଲା ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ନଗର ସଭାପତି ଧନୁର୍ଦ୍ଧର ଦାସ, ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ବରିଷ୍ଠନେତା ସତ୍ୟବାଦୀ ମହାପାତ୍ର, ଲୋକନାଥ ସାହୁ, ଦୁର୍ଲ୍ଲଭ ନାୟକ, ନିରଞ୍ଜନ ମହାପାତ୍ର, ଦ୍ୱିଜବର ପ୍ରଧାନ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ କୁମାର ସୌମେନ ଦାସ, ସୁଜିତ ଲକିଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ବିଶ୍ୱ ପଖାଳ ଦିବସ ପାଳନ କରିଥିଲେ। ପଖାଳ ସହ ମାଛ ଭଜା, ବଡ଼ି ଚୁରା, କଲରା ଭଜା, ଛୁଇଁ ଆଳୁ ଭଜା, ଆଳୁ ଭର୍ତ୍ତା, ଚୁନା ମାଛ ଭଜା, ଚିଙ୍ଗୁଡ଼ି ଭଜା ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରସାଯାଇଥିଲା।

# ନିମାପଡ଼ା ପ୍ରେସ୍ କ୍ଲବ୍ ଓ ସେଲ୍‌ଫ ଏମ୍‌ପାୱାରମେଣ୍ଟ ପକ୍ଷରୁ ପଖାଳ ଦିବସ



**ନିମାପଡା,୨୦।୩ (ସମିସ):** ନିମାପଡ଼ା ପ୍ରେସ୍ କ୍ଲବ୍ ଓ ସେଲଫ୍‌ଏମ ପାୱାର ମେଂଟ ମିଳିତ ଆନୁକୂଲ୍ୟରେ ସ୍ଥାନିୟସାଇଲୋଟର୍ସ ମଣ୍ଡପରେ ଆଜି ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଡଃ ଦିଲ୍ଲୀପ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ, ତହସିଲଦାର ଡଃ ମନୋଜ କୁମାର ପ୍ରଧାନ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ ତଥା ନିମାପଡ଼ା କଲେଜ ଆଲୁମିନି ସଭାପତି ବସନ୍ତ କୁମାର ମହାନ୍ତି, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ସୌମେନ୍ଦ୍ର ପାଇକରାୟ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରବୀର କୁମାର ବଳ, ଜଳସେଚନ ବିଭାଗ ଏସ୍‌ଡିଓ ଶକ୍ତି ପ୍ରସାଦ ଦାଶ, ପାନୀୟ ଜଳ ବିଭାଗ ଏସ୍‌ଡିଓ ଶଶୀଭୂଷଣ ମହାନ୍ତି, ଅତିରିକ୍ତ ତହସିଲଦାର କେ.ଭେଙ୍କେଟଶ୍ୱର ରାଓ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଜୀବନାନନ୍ଦ ମହାପାତ୍ର, ଅଶୋକ କୁମାର ସାହୁଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ଉପଦେଷ୍ଟା ଶିକ୍ଷାବିତ୍ ଶରତ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ଅନୁଷ୍ଠାନର ସଦସ୍ୟ ଏବଂ ଉପସ୍ଥିତ ଅତିଥିମାନେ ପଖାଳ ଖାଇ ଖୁସି ମନାଇଥିଲେ।

**ନାବାଳକକୁ ବିଜେପି ନେତାଙ୍କ ଭାଇର ଅକଥନୀୟ ନିର୍ଯାତନା**

# ବେକରେ 'ମୁଁ ଚୋର' ପ୍ଲାକାର୍ଡ ଝୁଲାଇ ବଜାରରେ ବୁଲାଇଲେ

**ବ୍ରହ୍ମଗିରି,୨୦।୩ (ସମିସ)**

ଶୁକ୍ରବାର ବ୍ରହ୍ମଗିରି ବଜାରରେ ଜଣେ ନାବାଳକ ଅକଥନୀୟ ନିର୍ଯାତନା ଦେଇଛନ୍ତି ଜଣେ ବିଜେପି ନେତାଙ୍କ ଭାଇ। ନାବାଳକର ହାତ ବାନ୍ଧି ବେକରେ 'ମୁଁ ଚୋର' ବୋଲି ଲେଖାଥିବା ଏକ ପ୍ଲା କାର୍ଡ ଝୁଲାଇ ବଜାର ସାରା ବୁଲାଇଥିଲେ।

ସୂଚନାଯୋଗ୍ୟ, ବ୍ରହ୍ମଗିରି ବଜାର ମଧ୍ୟରେ ଏକ ଔଷଧ ଦୋକାନ କରିଛନ୍ତି ବିଜେପିର ଜଣେ ମୁଖ୍ୟ ନେତାଙ୍କ ଭାଇ। ସେହି ଦୋକାନରୁ ଚୋରି କରିଥିବା ଆରୋପ ଲଗାଇ ଏଭଳି ଅମାନୁଷିକ ଭାବେ ନିର୍ଯାତନା ଦେଇଥିବା ଜଣାପଡ଼ିଛି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଅପରାହ୍ଣରେ ବ୍ରହ୍ମଗିରି ବଜାର ଉପରେ ଥିବା ଜଣେ ବ୍ୟବସାୟୀଙ୍କ ଟଙ୍କା ଡ୍ର'ରୁ କିଛି ଟଙ୍କା ଚୋରି ହୋଇଥିଲା। ଦୋକାନରେ ଲଗା ଯାଇଥିବା ସିସିଟିଭିରୁ ନାବାଳକଟି ଟଙ୍କା ନେଇଥିବା ବ୍ୟବସାୟୀ ଜଣଙ୍କ ଜାଣିବାକୁ ପାଇଥିଲେ। ନାବାଳକୁ ଡାକି ଡ୍ର'ରୁ ଫଇସା ନେଇଛୁ ବୋଲି ପଚାରିବା ପରେ



ନାବାଳକଟି ଘଟଣା ସମ୍ପର୍କରେ ମାନି ଯାଇଥିଲା। ଏହାପରେ ବ୍ୟବସାୟୀ ଜଣଙ୍କ ପ୍ଲା କାର୍ଡରେ 'ମୁଁ ଚୋର' ବୋଲି କାଗଜରେ ଲେଖି ନାବାଳକର ବେକରେ ପକାଇ ବ୍ରହ୍ମଗିରି ଗିରି ବଜାର ପରିକ୍ରମା କରାଇଥିଲେ। ଯାହାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଘଟଣା ସମ୍ପର୍କରେ ନାବାଳକଙ୍କ ପରିବାର ଲୋକେ ଜାଣିବା ପରେ ମର୍ମାହତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଥାନାକୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସାହିତ୍ୟ ଘର ଓ ସବୁଜ ଶାଖାର ପଖାଳ ଦିବସ



**ଅସ୍ତରଙ୍ଗ,୨୦।୩(ସମିସ):** ଅସ୍ତରଙ୍ଗ ସାହିତ୍ୟ ଘର ଓ ସବୁଜ ଶାଖା ଆନୁକୂଲ୍ୟରେ ଆଜି ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ସାହିତ୍ୟଘର ଉପଦେଷ୍ଟା ଦିବାକର ଛାଟୋଇ ଓ ସବୁଜଶାଖାର ସଭାପତି ରମାକାନ୍ତ ବସ୍ତିଆଙ୍କ ନେତୃତ୍ୱରେ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିଲା। ସାହିତ୍ୟ ଘର ଉପସଭାପତି ରବୀନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ସବୁଜ ଶାଖା ପରିସରରେ ପଖାଳ ଦିବସର ମହତ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଅସ୍ତରଙ୍ଗ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପରିଡ଼ା ଓ ଐଶାନେଶ୍ୱର ବିଦ୍ୟାପୀଠରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁ ଯୋଗଦେଇ ବିଶ୍ୱ ପଖାଳ ଦିବସ ଉପରେ ବିବରଣୀ ପ୍ରଦାନ କରିଥିଲେ। ସ୍ୱୟଂ ଜଗନ୍ନାଥ ପଖାଳ ଖାଉଥିଲା ବେଳେ ଓଡ଼ିଆ ଜାତିର ଏହି ପଖାଳ ଆଜି ସମଗ୍ର ବିଶ୍ୱ ପାଇଁ ଏକ ଉପହାର ସଦୃଶ ବୋଲି ଶ୍ରୀ ପରିଡ଼ା ମନ୍ତବ୍ୟ ରଖିଥିଲେ। ଆଜି ସେକାଳ ପଖାଳର ଯୁଗ ନଥିଲେ ମଧ୍ୟ ଏବେ ଗାଁ ଠାରୁ ସହର ଓ ବଡ଼ବଡ଼ ହୋଟେଲରେ ମଧ୍ୟ ପଖାଳ ପ୍ରତି ଆଦର ବଢ଼ିବା ଶ୍ରୀ ସ୍ୱାଇଁ କହିଥିଲେ। ଏହି ଅବସରରେ ସାହିତ୍ୟଘର ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, ସଭ୍ୟ ପ୍ରଦୀପ୍ତ ତ୍ରିପାଠୀ, ଗୁଣନିଧି ସ୍ୱାଇଁ, ଅଧାପିକା ମମତା ସ୍ୱାଇଁ ଓ ଉପସଭାପତି ରବୀନ୍ଦ୍ର ମହାନ୍ତି ପ୍ରମୁଖ ଓଡ଼ିଆ ଜାତିର ପଖାଳ ଖାଦ୍ୟ ଉପରେ ସୁନ୍ଦର କବିତା ପାଠ କରିଥିଲେ। ଆଲୋଚନା ଶେଷରେ ସାହିତ୍ୟ ଘର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଏକାଠି ବସି ପଖାଳ ଖାଇଥିଲେ। ଦହି ପଖାଳ ସାଙ୍ଗକୁ ବଡ଼ିଚୁରା, ଶାଗଭଜା, ମାଛ ଭଜା ଓ ବିଭିନ୍ନ ପ୍ରକାର ଭଜା ଇତ୍ୟାଦି ୨୦ ପ୍ରକାର ବ୍ୟଞ୍ଜନ ପରିବେଷଣ କରାଯାଇଥିଲା। ସବୁଜ ଶାଖାର ସଭାପତି ରମାକାନ୍ତ ବସ୍ତିଆଙ୍କ ନେତୃତ୍ୱରେ ସମ୍ପଦ ପରିଡ଼ା ଓ ଅନ୍ୟ ସଦସ୍ୟମାନେ ଖାଦ୍ୟପେୟ ପ୍ରସ୍ତୁତି କରିଥିଲେ। ଆଜିର ପଖାଳ ଦିବସ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ବିଡିଓ ସସ୍ମିତା ବେହେରା, ସମାଜସେବୀ ପ୍ରଦେଶ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ, ପ୍ରଦୀପ୍ତ ତ୍ରିପାଠୀ, ସତ୍ୟବ୍ରତ ଲେଙ୍କା, ଯୁଗଳ କିଶୋର ମହାନ୍ତି, ଦୁର୍ଗାଚରଣ ମହାରଣା, ସବୁଜ ଶାଖାର ସଦସ୍ୟବୃନ୍ଦ ଓ ଶୁଭେଚ୍ଛୁବୃନ୍ଦ ଯୋଗଦେଇ ଦହିପଖାଳ ଖାଇବାର ମଜା ଉଠାଇଥିଲେ।

# ଚାରିଛକ ଓରପଟ ଚୈତାଳି ମହୋତ୍ସବ ଉଦ୍‌ଯାପିତ



**ଚାରିଛକ,୨୦।୩ (ସମିସ):** ଚାରିଛକସ୍ଥିତ ଓରପଟ ଗ୍ରାମରେ ଚତୁର୍ଥ ବାର୍ଷିକ ଚୈତାଳି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ତଥା ସଭାର ସଭାପତି ଗ୍ରାମର ବରିଷ୍ଠ ଶିକ୍ଷାବିତ ଲକ୍ଷ୍ମୀଧର ନାୟକ, ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ମହାନ୍ତି, ରବୀନ୍ଦ୍ର କୁମାର ନାୟକ, ପଣ୍ଡିତ ଗୋସ୍ୱାମୀ ମୁରଲୀଧର ଭାରତୀ, ନେତ୍ରାନନ୍ଦ ବାରିକ ଓ ଆର୍ତ୍ତ ଭୋଇ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନ ତଥା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାତ୍ରା 'ସ୍ୱର୍ଣ୍ଣ ମହଲ'ର ମାଲିକ ପବିତ୍ର କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ରିଙ୍କୁ ବାବୁ ଯୋଗଦେଇ ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକୁ ଲୋକଲୋଚନକୁ ଆଣିବା ଏହି ଚୈତାଳି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଏହି ଚୈତାଳି ଉତ୍ସବରେ ଅଧାପକ ସମାପ୍ତ ମହାନ୍ତି ସଭା ପରିଚାଳନା କରିଥିବା ବେଳେ ସବ୍ୟସାଚୀ ନାୟକ ଉତ୍ସବ ଓ ମଞ୍ଚ କାର୍ଯ୍ୟକ୍ରମ ତୁଲାଇଥିଲେ। ଗ୍ରାମର ଉଦ୍ୟୋଗ ଯୁବ କର୍ମୀ ଅମ୍ବିକା ପ୍ରସାଦ ମହାନ୍ତି, ବିଭୂତି ରଞ୍ଜନ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ମହିଳା ନାଟ୍ୟକାର ତଥା ନିର୍ଦ୍ଦେଶକ ରଞ୍ଜିତା ନାୟକ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**କଣାସ,୨୦।୩(ସମିସ):** କଣାସ ବ୍ଲକ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ଗଡ଼ସାନ ପୁଟ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ଢୋଲପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଗଡ଼ସାନପୁଟ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା ଓ ମମତା ରାଣୀ ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁଙ୍କ ତତ୍ତ୍ୱାବଧାନରେ ଢୋଲ ପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ପ୍ରଲମ୍ବିନୀ ବଡ଼ଜେନା ଓ ସୁପ୍ରଭା ରାଉତରାୟ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ଦୁଇ କର୍ମଶାଳାର ପରିଦର୍ଶନ କରିଥିଲେ।

**● ବ୍ରହ୍ମଗିରିରେ ଲଜ୍ଜା**

# ପଞ୍ଚମ ଛାତ୍ରୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ ଅଭିଯୋଗ

**ବ୍ରହ୍ମଗିରି,୨୦।୩(ସମିସ):** ରାଜ୍ୟରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା ବଢିବାରେ ଲାଗିଛି। କିଛିଦିନ ପୂର୍ବରୁ ଏଭଳି ଖବରକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା, ଆଲୋଚନା ଜୋର୍ ଧରିଥିବା ବେଳେ ଏବେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ମଧ୍ୟ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପରୀକ୍ଷା ସରିଥିବା ବେଳେ ଏବେ ବିଦ୍ୟାଳୟକୁ ଛାତ୍ରଛାତ୍ରୀ କମ୍ ସଂଖ୍ୟାରେ ଆସୁଛନ୍ତି। ସମ୍ପୃକ୍ତା ଛାତ୍ରୀ ବିଦ୍ୟାଳୟରେ ଥିବାବେଳେ ସେହି ସ୍କୁଲର ଜନୈକ ଶିକ୍ଷକ ତାଙ୍କୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଜଣଙ୍କ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟିକୁ ଜଣାଇଥିଲେ। ତେଣୁ ଏଭଳି ଏକ ଲଜ୍ଜାଜନକ ଘଟଣା ଯେପରି ବାହାରକୁ ପ୍ରଘଟ ନ ହେବ ସେଥିଲାଗି ଯୋଜନା କରାଯାଇଥିଲା। ସମ୍ପୃକ୍ତ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଏହାର ଆପୋସ ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଛାତ୍ରୀଙ୍କ ପରିବାର ଏକ ପ୍ରକାର ରାଜି ହୋଇଥିବାବେଳେ କଥାଟି କିନ୍ତୁ ବାହାରକୁ ଚାଲିଆସିଛି। ତେବେ ଏହାକୁ ଚପାଇଦେବା ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଥିବା ସୂଚନା ମିଳିଛି। ଏ ନେଇ ସ୍ଥାନୀୟ ଥାନାକୁ ଯୋଗାଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ,୨୦।୩(ସମିସ):** ନୟାହାଟ ଫାଣ୍ଡି ଧୂମାଳ ପଞ୍ଚାୟତର ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଥିଲା।

**● ଯୋଗଦେଲେ କାକଟପୁର ବିଧାୟକ**

ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଯୋଗ ଦେଇଥିବା ବେଳେ ସେ କହିଥିଲେ ଯେ, ଆମେରିକା, ବ୍ରିଟେନ, ଚାଇନା, ଜାପାନ ଭଳି ଦେଶ ଶିକ୍ଷାରେ ଉନ୍ନତ ହେବାକୁ ହେଲେ ବାପ, ମା ଓ ଗୁରୁଜନ, ଶିକ୍ଷକ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ। ମୁଖ୍ୟ ବକ୍ତା ମଙ୍ଗଳା ଟ୍ରଷ୍ଟ ବୋର୍ଡର କୈଳାସ ଚନ୍ଦ୍ର ଦାସ କହିଥିଲେ ଯେ ଆଗ ବାପା, ମା, ପରେ ଶିକ୍ଷକ। ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ସମ୍ମାନିତ ଅତିଥି ଭାବେ ୧୪ନମ୍ବର ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟା ସାଗରିକା ନାୟକ, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ସମିତି ସଭ୍ୟା ଭାନୁମତି ମାଣିକ, ଗୋପ ବ୍ଲକ୍‌ର ସହମଣ୍ଡଳ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜ ଭୋଇ, ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସିବଦତ ନାୟକ, ଅଜୟ କୁମାର ରଥ, ପବିତ୍ର ମୋହନ ନାୟକ, ବିଦ୍ୟାଳୟର ସଭାପତି କାହ୍ନୁ ଚରଣ ନାୟକ। ଅତିଥି ପରିଚୟ ପ୍ରଦାନ କରିଥିଲେ ପତିତପାବନ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର, ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ।

# ସାକ୍ଷୀଗୋପାଳ ମନ୍ଦିର ପରିଚାଳନା ପରିଷଦ ବୈଠକ

**ସାକ୍ଷୀଗୋପାଳ,୨୦।୩(ସମିସ):** ସାକ୍ଷୀଗୋପାଳ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଆୟବ୍ୟୟ ସମୀକ୍ଷା, ବ୍ୟାଙ୍କଜମା, ମନ୍ଦିର ଚର୍ତ୍ତୁପାଶ୍ୱ ଆଲୋକୀକରଣ, ପରିମଳ, ପାନୀୟଜଳ, ଶୌଚାଳୟ ଆଦି ତୀର୍ଥଯାତ୍ରୀଙ୍କ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଛି। ସେହିପରି ଚନ୍ଦନଯାତ୍ରା ପ୍ରସ୍ତୁତି ଏବଂ ନିୟୋଜିତ ସେବାୟତଙ୍କ ପାଉଣା ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ବାର୍ଷିକ ନିଲାମ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ଆଇଆଇସି ସୌମ୍ୟରଞ୍ଜନ ମହାଳିକ, ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସକ ବନଜକାନ୍ତ ପତି, ସେବାୟତ ପ୍ରତିନିଧି ଉମେଶ ଚନ୍ଦ୍ର ନନ୍ଦ ଓ ବାଳକୃଷ୍ଣ ମହାପାତ୍ର ଏବଂ ସଦସ୍ୟ ଲୋକନାଥ ବାରିକ ଓ କବିରାଜ ଦଳେଇ ଉପସ୍ଥିତ ରହିଥିଲେ। ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ସଂଯୋଜନା କରିଥିଲେ।

# ବଜାରରେ ହାଉଯାଉ ନକଲି ପାଣି ବୋତଲ; ସୁରକ୍ଷା ନେଇ ପ୍ରଶ୍ନବାଚୀ


**ଅସ୍ତରଙ୍ଗ,୨୦।୩ (ସମିସ)**

ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଧଡ଼କ ଭାବେ ନକଲି ପାଣି ବୋତଲ ଓ ପାଉଚ ପାଣି ବିକ୍ରି ହେଉଛି। ସେହିପରି ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ସଠିକ୍ ସରକାରୀ ନିୟମ ବିନା ପାଣି ପାଉଚ, ପାଣି ବୋତଲ ଓ ୨୦ ଲିଟର ପାଣି ଜାର ବିକ୍ରି ହେଉଛି। ଏହି ପାଣି ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ତାହା ନେଇ ଚିନ୍ତାରେ ପଡ଼ିଛନ୍ତି ସାଧାରଣ ଲୋକେ। ବର୍ତ୍ତମାନ ଅସ୍ତରଙ୍ଗ ଓ କାକଟପୁରର ବିଭିନ୍ନ ଦୋକାନ ବଜାରରେ ମିଳୁଥିବା ୧୦ ଟଙ୍କିଆ ପାଣି ବୋତଲ ଓ ୨ ଟଙ୍କିଆ ପାଣି ପାଉଚ ଉପରେ ସାଧାରଣ ଲୋକ ବହୁ ପରିମାଣରେ ନିର୍ଭର କରୁଛନ୍ତି। କିନ୍ତୁ ଏହି ପାଣିର ଗୁଣବତ୍ତା କେମିତି, ଏହା କେଉଁଠାରେ ପ୍ରସ୍ତୁତ ହେଉଛି ଓ ସରକାରୀ ନିୟମ ପାଳନ ହେଉଛି କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଅଭିଯୋଗ ଅନୁସାରେ କେତେକ ଅସାଧୁ ବ୍ୟବସାୟୀ ଅନାମଧେୟ କମ୍ପାନୀର ଲୋଗୋ ଥିବା ପାଣି ବୋତଲ ଓ ପ୍ୟାକେଟ ଆଣି ବଜାରକୁ ଛାଡୁଛନ୍ତି। ଏହା ଫଳରେ ଲୋକେ ଏହି ପାଣି ପିଇ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ସରକାରୀ ନିୟମ ଅନୁସାରେ ପାଣି ପାଉଚ କିମ୍ବା ବୋତଲ ପ୍ରସ୍ତୁତ କରିବା ପାଇଁ କମ୍ପାନୀର ଟ୍ରେଡ୍‌ମାର୍କ, ପାଣିର ଗୁଣବତ୍ତା ପରୀକ୍ଷା ସାର୍ଟିଫିକେଟ୍, ଲାବୋରେଟୋରୀ ସାର୍ଟିଫିକେଟ, ବିଏସ୍‌ଆଇ ଓ ଆଇଏସ୍‌ଆଇ ମାନ୍ୟତା ସହିତ ଫୁଡ୍ ଲାଇସେନ୍ସ ରହିବା ବାଧ୍ୟତାମୂଳକ। ଏହାସହ ପାଣିର ନମୁନା ଲ୍ୟାବ୍‌ରେ ପରୀକ୍ଷା କରି ମାନଦଣ୍ଡ ପୂରଣ କରିବା ଆବଶ୍ୟକ। କିନ୍ତୁ ଏହି ସମସ୍ତ ପ୍ରକ୍ରିୟା ବ୍ୟୟବହୁଳ ହେବାରୁ କେତେକ ବେନାମୀ କମ୍ପାନୀ ଏହାକୁ ଅମାନ୍ୟ କରି ବେଆଇନ ଭାବେ ପାଣି ବ୍ୟବସାୟ ଚଳାଇ ଆସୁଛନ୍ତି। ପୁରୀ ଜିଲ୍ଲାରେ ଅନେକ ପାଣି ଫ୍ୟାକ୍ଟ୍ରି ଉତ୍ପାଦନ କେନ୍ଦ୍ରର ପାଖରେ ସରକାରୀ ଅନୁମତି ଅଛି କି ନାହିଁ ସେଥି ପ୍ରତି ମଧ୍ୟ ସନ୍ଦେହ ଉଠୁଛି। କେବଳ ଲୋକଦେଖାଣିଆ ଭାବେ ଫୁଡ୍ ଲାଇସେନ୍ସ ଲଗାଇ ଦୀର୍ଘଦିନ ଧରି ବେପାର ଚଳାଇ ଆସୁଥିବା ମଧ୍ୟ ଅଭିଯୋଗ ରହିଛି।


ଆଶ୍ଚର୍ଯ୍ୟର ବିଷୟ ହେଲା ସ୍ଥାନୀୟ ପ୍ରଶାସନ ତରଫରୁ ଆୟୋଜିତ କେତେକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଏହି ପ୍ରକାର ପାଣି ପାଉଚ ଓ ବୋତଲ ବଣ୍ଟନ ହେଉଥିବା ଦେଖାଯାଇଛି। ଏହା ନେଇ ପ୍ରଶାସନର ଭୂମିକା ଉପରେ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାକୁ ଯାଉଥିବାରୁ ପାଣି ପାଉଚ ଓ ବୋତଲର ଚାହିଦା ଆହୁରି ବୃଦ୍ଧି ପାଇବା ସ୍ୱାଭାବିକ। ତେଣୁ ଏହି ସମୟରେ ଯଦି ନକଲି ଓ ଦୂଷିତ ପାଣି ବିକ୍ରି ହୁଏ, ତେବେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିପାରେ। ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବେଆଇନ ଭାବେ ପାଣି ପାଉଚ ଓ ବୋତଲ ପ୍ରସ୍ତୁତ କରୁଥିବା ସଂସ୍ଥାମାନଙ୍କ ଉପରେ କଠୋର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି। ତେବେ ଆଗାମୀ ଦିନରେ ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ କେତେ ମାତ୍ରାରେ ସଚେତନ ହେଉଛି ତାହା ଦେଖିବାକୁ ବାକି ରହିଲା।



# ଶ୍ରୀକ୍ଷେତ୍ର ସିଟି

୨୦/୩/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୭,୪୪୯/- ସୁନା:୦୦.୦୮୦ ଗ୍ରାମ୍ ରୁପା: ୩୯.୦୦୦ ଗ୍ରାମ୍





## ଶ୍ରୀମନ୍ଦିରରୁ ଝୁମ୍ପୁଡ଼ି ପର୍ଯ୍ୟନ୍ତ

# ମହକିଲା ଓଡ଼ିଆଙ୍କ ପ୍ରିୟ ପଖାଳ



ପୁରୀ,୨୦।୩(ସମିସ): ଓଡ଼ିଆ ଘରର ପ୍ରିୟ ଖାଦ୍ୟ ପଖାଳ। ଦିନ ଥିଲା ଗାଁ ଗହଳି ଲୋକଙ୍କ ଜୀବନଶୈଳୀରେ ପଖାଳ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା। ପଖାଳ କଂସା ଧରି ଏକାଠି ହୋଇଖାଇବା ପରମ୍ପରା ପ୍ରତିଟି ଓଡ଼ିଆ ଘରେ ସମ୍ପର୍କକୁ ସୁଦୃଢ଼ କରୁଥିଲା। ହେଲେ ପଖାଳ କଂସାର ନିଆରା ଆକର୍ଷଣ ଆଉ ଗାଁ ଗହଳିରେ ବାନ୍ଧି ହୋଇ ରହିନାହିଁ। ସହରବାସୀ ମଧ୍ୟ ପଖାଳ ପ୍ରେମରେ ପଡିଗଲେଣି। ଯେଉଁଥିପାଇଁ ସହରର ଚାଳିଆ ହୋଟେଲଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ହୋଟେଲ ଆଗରେ ଝୁଲୁଛି ସ୍ୱାଦିଷ୍ଟ ପଖାଳର ହୋର୍ଡିଂ। ଆଉ ଉତ୍କଳୀୟ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତା' ମଧ୍ୟରୁ ଏହି ପଖାଳ ଅନ୍ୟତମ। ଓଡ଼ିଆ ଘରର ପ୍ରତିଟି ଜନ ଜୀବନରେ ପଖାଳର ଆଦୃତି ରହିଆସିଛି। ଏହି ପଖାଳ ଶ୍ରୀମନ୍ଦିର ପରମ୍ପରାରେ ବି ଯୋଡ଼ିହୋଇଯାଇଛି। ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ। ବର୍ଷର ଅଳ୍ପ କିଛିଦିନକୁ ବାଦ୍ ଦେଲେ ପ୍ରାୟ ସବୁଦିନ ଚତୁର୍ଦ୍ଧାବିଗ୍ରହ ପଖାଳ ଲାଗି କରାଯାଇଥାଏ। ଖରାଦିନେ ଭକ୍ତମାନେ ମହାପ୍ରସାଦକୁ ପଖାଳ କରି ଖାଇଥାନ୍ତି। ଶ୍ରୀମନ୍ଦିରରେ ଯେଉଁ ଟଙ୍କତୋରାଣି (ଏବେ ବନ୍ଦ ଅଛି) ମିଳେ ତାହା ମହାପ୍ରସାଦ ପଖାଳରୁ ପ୍ରସ୍ତୁତ ହୋଇଥାଏ। ଶୁକ୍ରବାର ପଖାଳ ଦିବସ ଅବସରରେ ପୁରୀର ବିଭିନ୍ନ ହୋଟେଲ ଏବଂ ଘରେ ଘରେ ପ୍ରସ୍ତୁତ ହୋଇଥିଲା ସ୍ୱାଦିଷ୍ଟ ପଖାଳ ବ୍ୟଞ୍ଜନ।

ପଖାଳ ଦିବସ ଉପଲକ୍ଷେ ପୁରୀର ବିଭିନ୍ନ ହୋଟେଲରେ ଏକାଧିକ ପ୍ରକାର ପଖାଳ ପ୍ରସ୍ତୁତ କରାଯାଇଥିଲା। ଦହି ପଖାଳ, ସାଦା ପଖାଳ, ଛୁଙ୍କ ପଖାଳ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କ ଚାହିଦା ମୁତାବକ ପରସା ଯାଇଥିଲା। ଏଥିରେ ଅରୁଆ ଓ ଉଷୁନା ପଖାଳ ମଧ୍ୟ ମିଳିଥିଲା। ଉଷୁନା ପଖାଳ ଖାଇବାକୁ ସାଧାରଣତଃ ଦେଶୀୟ ପର୍ଯ୍ୟଟକ ରୁଚି ରଖୁଥିବା ବେଳେ ବିଦେଶୀ ଅରୁଆ ପଖାଳକୁ ପସନ୍ଦ କରିଥାନ୍ତି। ସେହିପରି ପଖାଳ ସାଙ୍ଗକୁ ସାଦା ଓ ଆମିଷ ବ୍ୟଞ୍ଜନର ବ୍ୟବସ୍ଥା ରହିଥିଲା। ସାଦା ମେନୁରେ ବଡ଼ିଚୁରା, ବାଇଗଣ ପୋଡ଼ା, ଆଳୁ ଭରତା, ଆମ୍ବ ଚଟଣି, ବିଭିନ୍ନ ପ୍ରକାର ଭଜା (କଖାରୁ ଫୁଲ, ଶାଗ, ଲିମ୍ବକଢ଼), ଚିପ୍ସ, ସାଲାଡ ଦିଆଯାଉଥିବା ବେଳେ ଆମିଷ ମଧ୍ୟରେ ଚୁନା ଓ ବଡ଼ ମାଛ ଭଜା, ଚିଙ୍ଗୁଡ଼ି ଛେଚା ଇତ୍ୟାଦି ପରଷା ଯାଉଥିଲା। ପୁରୀ ସହରର ବିଭିନ୍ନ ହୋଟେଲରେ ପଖାଳ ଖାଇବାକୁ ରବିବାର ବେଶ୍ ଭିଡ଼ ହୋଇଥିଲା। ଖରାଦିନରେ ଗ୍ରାହକମାନେ ପଖାଳ ଖାଇ ତୋରାଣି ପିଇ ପଖାଳ ଦିବସକୁ ସ୍ମରଣୀୟ କରିଥିଲେ। ସେହିପରି ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଥିଲା। ପଖାଳ ସାଙ୍ଗକୁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ସମସ୍ତେ ଖାଇଥିଲେ। ଘରେ ମଧ୍ୟ ସହରବାସୀ ପଖାଳ ଖାଇ ଦିବସକୁ ମନାଇଥିଲେ।

ଶ୍ରୀମନ୍ଦିରରେ ବି ପଖାଳ ପ୍ରସ୍ତୁତ କରାଯାଏ। ସମ୍ପ୍ରତି ଶ୍ରୀମନ୍ଦିରରେ ପାଞ୍ଚ ପ୍ରକାର ପଖାଳ ଠାକୁରଙ୍କୁ ଭୋଗ ଲାଗି ହେଉଛି। ଏହି ପଖାଳ ହେଲା ଚିପୁଡ଼ା ପଖାଳ, ଟଭା ପଖାଳ, ସୁବାଷିତ ପଖାଳ, ଦହି ପଖାଳ ଓ ଘିଅ ପଖାଳ। ଏହି ପଖାଳ ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ରୋଷ ଭିତରେ ସ୍ୱତନ୍ତ୍ର ପଥରରେ ଏକ ପଖାଳ କୁଣ୍ଡ ରହିଛି। ଏଥିରେ ଅନ୍ନ ଓ ପାଣି ପୂରାଯାଇ ମହାପ୍ରଭୁଙ୍କ ଲାଗି ପଖାଳ ପ୍ରସ୍ତୁତ କରାଯାଇଥାଏ।

## ପାରାଡାଇଜ୍ ବୃଦ୍ଧାଶ୍ରମରେ ପଖାଳ ଉତ୍ସବ

ପୁରୀ,୨୦।୩(ସମିସ): ଉତ୍କଳୀୟ ତଥା ଜଗନ୍ନାଥ ସଂସ୍କୃତିରେ ପଖାଳର ସ୍ଥାନ ସ୍ୱତନ୍ତ୍ର। କୃଷିଭିତ୍ତିକ ରାଜ୍ୟ ଓଡ଼ିଶାର ଜନଜୀବନ କେଉଁ କାଳରୁ ପଖାଳକୁ ନେଇ ସମୃଦ୍ଧ। ଏପରି କି ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ବଡ଼ସିଂହାରରେ ପଖାଳ ଭୋଗ ଶହ ଶହ ବର୍ଷ ତଳୁ ଚାଲିଆସିଛି। ହେଲେ ଯେଉଁଦିନ ଏ ଜାତି ପଖାଳକୁ ଭୁଲି ଫାଷ୍ଟଫୁଡ ଓ ଜଙ୍କଫୁଡର ଆଶ୍ରୟ ନେଇଛି ସେଦିନରୁ ଅଜଣା ରୋଗରେ ଆକ୍ରାନ୍ତ ହୋଇଛି ଓଡ଼ିଆ। ଏଣୁ ଏକ ସୁସ୍ଥ ସମାଜ ପାଇଁ ପଖାଳ ଏକ ଆବଶ୍ୟକତା ବୋଲି ପାରାଡାଇଜ ବୃଦ୍ଧାଶ୍ରମରେ ଯୋଗଦାନ କରି କହିଛନ୍ତି ଅତିଥିମାନେ। ଆଶ୍ରମର ପ୍ରତିଷ୍ଠାତା ତଥା ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ପଖାଳ ଦିବସ ଉପଲକ୍ଷେ ଆୟୋଜିତ ପଖାଳ ଉତ୍ସବରେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ସମାଜସେବୀ ମନୋଜ ରଥ, ପଥର ଶିଳ୍ପୀ ସରୋଜ ବେହେରା, ସମାଜସେବୀ ସୁଲୋଚନା ମିଶ୍ର, ରେଡ୍‌କ୍ରସର ମଧୁମିତା ମହାପାତ୍ର, ଯୋଗଗୁରୁ ମନୋଜ ନାୟକ ଓ ସବିତା ପ୍ରହରାଜ, ସୁରେନ୍ଦ୍ର ପାଢ଼ୀ, ସୁଧାକର ଭୋଳ, ଶିବରାମ ପ୍ରଧାନ, ପ୍ରଣତି ମହାରଣା, ଅଜୟ କୁମାର ଦାସ, ବିଜୟଲକ୍ଷ୍ମୀ ଦାସ, ସଂଯୁକ୍ତା ଆପଟଙ୍କ ସମେତ ଆଶ୍ରମର ଅନ୍ତେବାସୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ପଖାଳ ସେବନ କରିଥିଲେ।

ଛୁଙ୍କଦିଆ ଦହି ପଖାଳ ସାଙ୍ଗରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଯେପରି କି ଆଳୁ ଭରତା, ବାଇଗଣ ଟମାଟୋ ଭରତା, ଛୁଇଁ ଭଜା, ବଡ଼ିଚୁରା, ମାଛ ଭଜା, ମାଛ ବେସର, ଶାଗଭଜା, ଚିଙ୍ଗୁଡ଼ି ଛେଚା ପରଷା ଯାଇଥିଲା। ଏହି ଅବସରରେ ବଦ୍ରି ମିଶ୍ରଙ୍କ ସଂଯୋଜନାରେ "ଆମ ଜୀବନ ଧନ ମୋର ପଖାଳ କଂସା, ସଜନୀରେ ତୋ ବିହୁନେ ଉଡ଼ିବ ହଂସା' ସଂଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅଜୟ ପ୍ରଧାନ, ଉମା ଦଳେଇ, ନିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




## ରାଷ୍ଟ୍ରସେବା ଟ୍ରଷ୍ଟର ପଖାଳ ପଙ୍ଗତ

ପୁରୀ,୨୦।୩(ସମିସ): ଓଡିଆଙ୍କ ଜୀବନର ଅଭିନ୍ନ ଅଙ୍ଗ ହେଉଛି ପଖାଳ। ଏହା କେତେ ଉପକାରୀ କାହାକୁ ଅଛପା ନାହିଁ। କିନ୍ତୁ ଆମେ ଆମ ସଂସ୍କୃତିକୁ ଭିଲି ଯାଉଛୁ। ଆମ ମହନୀୟ ସଂସ୍କୃତିକୁ ମନେ ପକେଇବା ଉଦ୍ଦେଶ୍ୟରେ ଶୁକ୍ରବାର ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ହୋଟେଲ ଏମ୍ପାୟାରରେ ନିଆରା ଢଙ୍ଗରେ ପାଳିତ ହୋଇଛି ପଖାଳ ଦିବସ। ମାଟି ସରାରେ ଦହି ପଖାଳ ସାଙ୍ଗକୁ ଶାଗ ଭଜା, ବଡି ଚୂରା, ପଣସ କଠା, ଆଳୁ ଓ ବାଇଗଣ ଭର୍ତ୍ତା, ଟମାଟୋ ଚଟଣୀ, ବାଇଗଣ ଭଜା, ଆମ୍ବ ଚଟଣୀ, ବରକୋଳି ଖଟା, ମାଣ୍ଡିଆ ମଣ୍ଡା, ଆରିସା, ମାଛ ବେସର ଭଜା, ଚିଙ୍ଗୁଡି ଛେଚାରେ ଆପ୍ୟାୟିତ ହୋଇଥିଲେ ଅତିଥିବୃନ୍ଦ। ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜିତା ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଏହି ପଖାଳ ପଙ୍ଗତ ସଭାରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ତରେଇ, ଦିଗ୍‌ଦର୍ଶନ ପଟ୍ଟନାୟକ, ମଧୁସୂଦନ ସିଂହାରୀ, ମନୋଜ ରଥ, ରବି ଦାଶ, ସରୋଜ ବେହେରା, ହେକ୍ଟର ମିଶ୍ର, ରାଜକିଶୋର ସାହୁ, ରାଜେଶ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ରାଜକିଶୋର ସାହୁ, ଶ୍ୟାମ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ବରିଷ୍ଠ ନାଗରିକ ଫୋରମ, ଆଇନଜୀବୀ, ଭାରତ ବିକାଶ ପରିଷଦ, ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ରାଜେଶ ଦେବତା ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



## ବଢ଼ିଚାଲିଛି ସାଇବର୍ ଠକେଇ

## ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ




ପୁରୀ,୨୦।୩(ସମିସ): ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂପର୍କ' ତରଫରୁ ଟେଲି ଯୋଗାଯୋଗ ବିଭାଗର ଓଡ଼ିଶା ଲାଇସେନ୍ସ ସେବା ଅଞ୍ଚଳ (ଏଲ୍ଏସ୍ଏ) କାର୍ଯ୍ୟାଳୟ ସହଯୋଗରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରରେ ସାଇବର ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦୂରସଂଚାର ବିଭାଗର ନିର୍ଦ୍ଦେଶକ (ସୁରକ୍ଷା) ଶ୍ରୀନିବାସ ରାଓ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସାଇବର ଠକେଇର ବିଭିନ୍ନ ପ୍ରକାର ଓ ସେଥିରୁ କିପରି ସତର୍କ ରହିବାକୁ ହୋଇଥାଏ ସେ ବିଷୟରେ ଅଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଡିଜିଟାଲ୍ ଗିରଫଦାରୀ ଠକେଇ, ଫିସିଂ ଆକ୍ରମଣ, ଓଟିପି ଆଧାରିତ ଆର୍ଥିକ ଠକେଇ ଏବଂ ନୂତନ ନୂତନ ଉପାୟରେ ହେଉଥିବା ସାଇବର ଅପରାଧ ବିଷୟରେ ସଚେତନ କରାଯାଇଥିଲା। ଟେଲିକମ୍ ବ୍ୟବସ୍ଥାକୁ ବ୍ୟବହାର କରି ହେଉଥିବା ସନ୍ଦେହଜନକ କାରବାର ସମ୍ପର୍କରେ 'ସଞ୍ଚାର ସାଥୀ' ଆପ୍ ଓ ପୋର୍ଟାଲ ମାଧ୍ୟମରେ ସୂଚନା ଦେବାକୁ ମଧ୍ୟ ପ୍ରେରିତ କରାଯାଇଥିଲା। ସାଇବର ଠକେଇ ଘଟିଥିଲେ ୨୪ ଘଣ୍ଟା ମଧ୍ୟରେ ଜାତୀୟ ହେଲ୍ପଲାଇନ୍ ନମ୍ବର ୧୯୩୦ କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍‌ରେ ଅଭିଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଡ. ନନ୍ଦିଘୋଷ ମହାପାତ୍ର, ଡ. ପୀତାମ୍ବର ମିଶ୍ର, ରାକେଶ କୁମାର ବାରିକ, ଶୁଭ ପ୍ରସାଦ ଶର୍ମା ଓ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ପଖାଳକୁ ଜିଆଇ ଟ୍ୟାଗ୍ କରାଯାଉ

ପୁରୀ,୨୦।୩(ସମିସ): ସଙ୍ଗଶ୍ରୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଭିଆଇପି ରୋଡସ୍ଥିତ ଆରୋଗ୍ୟ ୱେଲ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶିକା ଅରୁଣିମା ନନ୍ଦଙ୍କ ତତ୍ତ୍ୱାବଧାନରେ ସଭାନେତ୍ରୀ ରତ୍ନମଣି ନାୟକ ଓ ସମ୍ପାଦିକା ପଦ୍ମିନୀ ବେହେରାଙ୍କ ପରିଚାଳନାରେ ଏହା ଆୟୋଜିତ ହୋଇଥିଲେ। ଅତିଥି ଭାବେ ଓଡିଶା ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ବିଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ନାରାୟଣ ଦାଶ ଯୋଗଦେଇ କହିଥିଲେ ପଖାଳ ଆମର ଅତି ପ୍ରିୟ ଖାଦ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ପଖାଳ ଭୋଗ ଲାଗିଥାଏ। ମାର୍ଗଶିର ଗୁରୁବାର ମା' ଲକ୍ଷ୍ମୀଙ୍କୁ ଦହିପଖାଳ ଭୋଗ କରିବା ଓଡ଼ିଆ ପରମ୍ପରାରେ ରହିଛି। ଆମ ପଖାଳକୁ ଜିଆଇ ଟ୍ୟାଗ ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର। ଦହି ପଖାଳ, ବଡ଼ିଚୁରା, ବାଇଗଣ ଭଜା, ଚଟଣି, ମାଛ ଭଜା, ଆଳୁ ଭର୍ତ୍ତା, ଶାଗ, କଲରା ଭଜା ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ସହ ଖାଇଥିଲେ। ଅନୁଷ୍ଠାନର ମହିଳାମାନେ ମିଶି ରୋଷେଇ କରିଥିଲେ।

## ଜିଲ୍ଲାସ୍ତରୀୟ ପଖାଳ ଦିବସ

ପୁରୀ,୨୦।୩(ସମିସ): ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଶୁକ୍ରବାର ପାନ୍ଥନିବାସରେ ପୁରୀ ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପଖାଳ ସମସ୍ତ ବର୍ଗଙ୍କ ପାଇଁ ଏକ ସୁଖାଦ୍ୟ ବୋଲି କହିବା ସହ ନିଜେ ପଖାଳ ଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପାନ୍ଥନିବାସର ପର୍ଯ୍ୟଟକମାନେ ମଧ୍ୟ ପଖାଳ ଖାଇ ଖୁସିବ୍ୟକ୍ତ କରିଥିଲେ। ପୁରୀର ବିଭିନ୍ନ ସ୍ଥାନରେ ମଧ୍ୟ ବିବିଧ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା।

## ୫୦ ଲିଟର ଦେଶୀମଦ ଓ ୧,୩୨୦ ଲିଟର ପୋଚ ଜବତ

ପୁରୀ,୨୦।୩(ସମିସ): ପୁରୀକୁ ଅପରାଧମୁକ୍ତ ଏବଂ ବେଆଇନ ନିଶା କାରବାର ମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଚାଲିଛି ଅପରେସନ ଚକ୍ର। ଏହି ଅଭିଯାନରେ ସଦର ଥାନା ପୁଲିସକୁ ମିଳିଛି ସଫଳତା। ସମଙ୍ଗ ଜଳଭଣ୍ଡାର ନିକଟରେ ଥିବା ଜଙ୍ଗଲ ଭିତରେ ଦେଶୀ ମଦ କାରଖାନା ଠାବ କରାଯାଇଛି। ଏଥିସହ ଦେଶୀମଦ ରାନ୍ଧୁଥିବା ଅଭିଯୁକ୍ତକୁ ନିଶାସକ୍ତ ଅବସ୍ଥାରେ ଜଙ୍ଗଲ ଭିତରୁ କାବୁ କରିଛି ପୁଲିସ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସଦର ଥାନା ପୁଲିସ ଜଳଭଣ୍ଡାର ନିକଟ ଜଙ୍ଗଲରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ୫୦ଲିଟର ଦେଶୀ ମଦ ସମେତ ୧,୩୨୦ ଲିଟର ପୋଚ ଜବତ କରିବା ସହ ଏହାକୁ ନଷ୍ଟ କରିଥିଲେ। ତେବେ ଆଗକୁ ମଧ୍ୟ ଅଭିଯାନ ଜାରି ରହିବ ବୋଲି ପୁଲିସ ତରଫରୁ କୁହାଯାଇଛି।

## ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ପଖାଳ ଦିବସ

ପୁରୀ,୨୦।୩(ସମିସ): ଉତ୍କଳୀୟ ତଥା ଜଗନ୍ନାଥ ସଂସ୍କୃତିରେ ପଖାଳର ସ୍ଥାନ ସ୍ୱତନ୍ତ୍ର। କୃଷିଭିତ୍ତିକ ରାଜ୍ୟ ଓଡ଼ିଶାର ଜନଜୀବନ କେଉଁ କାଳରୁ ପଖାଳକୁ ନେଇ ସମୃଦ୍ଧ। ଏପରି କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାକରେ ମଧ୍ୟ ପଖାଳ ଭୋଗ ଲାଗି ହୋଇଥାଏ। କୃଷି ସମ୍ବଳ ଓଡ଼ିଶାରେ ପ୍ରତି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ପଖାଳ କେବଳ ଓଡ଼ିଆଙ୍କ ଖାଦ୍ୟ ସାରଣୀ ଭିତରୁ ଅନ୍ୟତମ ନୁହେଁ ଏହା ଓଡ଼ିଆଙ୍କ ଆତ୍ମତୃପ୍ତି ଆଉ ଆବେଗ। ତେବେ ଓଡ଼ିଆଙ୍କ ପଖାଳ ଏବେ ସବୁଆଡେ ମହକିଲାଣି, ଯେଉଁଥିପାଇଁ ମାର୍ଚ୍ଚ ୨୦କୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ପାଳିତ ହୋଇଥିବା ପଖାଳ ଦିବସ।



ସମସ୍ତେ ଏକାଠି ବସି ପଖାଳ ଖାଇଥିଲେ। ଦହି ଛୁଙ୍କ ପଖାଳ ସାଙ୍ଗକୁ, ଆଳୁ ଭର୍ତ୍ତା, ଟମାଟ ପୋଡା, ବାଇଗଣ ପୋଡା, କଲରା ଭଜା, ସଜନା ଚୁଇଁ ବେସର ଭଜା, ବଡି ଚୁରା, କୋଶଳା ଶାଗ, ଦେଶୀ ପିଆଜ, କାକୁଡି, ଭାକୁର ମାଛ ଭଜା, ଚିଙ୍ଗୁଡ଼ି ଛେଚାର ବ୍ୟବସ୍ଥା ହୋଇଥିଲା।

## ଦୋକାନକୁ ଯାଇଥିବା ନାବାଳିକାକୁ ଅପହରଣ

ବଳଙ୍ଗା,୨୦।୩(ସମିସ): ବଳଙ୍ଗା ଥାନା ଏକ ଗ୍ରାମରେ ଦୋକାନକୁ ଯାଇଥିବା ଜଣେ ନାବାଳିକାକୁ ଅପହରଣ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ପୁଲିସ ପକ୍ଷରୁ ୯୪/୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗତ ଏକ ମାସ ତଳେ ମାଟ୍ରିକ ପରୀକ୍ଷା ଦେବାକୁ ଯାଇଥିଲା ବେଳେ ସେଠାରୁ କୁଆଡେ ପଳାଇଥିଲା ବେଳେ ଘଟଣା ଦିନ ସନ୍ଧ୍ୟାରେ ଘରକୁ ଫେରିଥିଲେ। ନାବାଳିକା ଜଣଙ୍କ ଘରେ ଥିଲା ବେଳେ ଗତକାଲି ଅପରାହ୍ଣରେ ନାବାଳକିକାଙ୍କ ମା'ଙ୍କୁ କେହିଜଣେ ଫୋନ୍ କରି ତାଙ୍କ ଝିଅକୁ ଉଠାଇ ନେବାକୁ ଧମକ ଦେଉଥିଲେ। ପରେ ନାବାଳିକା ଜଣଙ୍କ ଗ୍ରାମରେ ଥିବା ଦୋକାନକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜ ଖବର ନେବାରେ ତାର କୌଣସି ସନ୍ଧାନ ପାଇ ନଥିଲେ ବୋଲି ନାବାଳିକାଙ୍କ ମା' ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଏସ୍‌ସିଏସ୍ କଲେଜ: ସାଂସ୍କୃତିକ ମହୋତ୍ସବ 'ଅଭିନନ୍ଦନ'

ପୁରୀ,୨୦।୩(ସମିସ): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିବିଏ, ଏମ୍‌ବିଏ ଏବଂ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ବାର୍ଷିକ ସାଂସ୍କୃତିକ ମହୋତ୍ସବ "ଅଭିନନ୍ଦନ-୨୦୨୬' ଶୁକ୍ରବାର ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରତିପାଦିତ କରିବା ପାଇଁ ଏହା ଏକ ପ୍ରକୃଷ୍ଟ କାର୍ଯ୍ୟକ୍ରମ ବୋଲି କହିଥିଲେ। ବିଭାଗର ସଂଯୋଜକ ଡ. ମହେନ୍ଦ୍ର କୁମାର ମିଶ୍ର ପାଠପଢ଼ା ବ୍ୟତୀତ ଏଭଳି କାର୍ଯ୍ୟକ୍ରମ ଜୀବନ ବଞ୍ଚିବାକୁ ସାବଲୀଳ କରେ ବୋଲି ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଗୁରୁ ଚରଣ ନାୟକ ଓ ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ପୂର୍ବ ଶିକ୍ଷା ବର୍ଷରେ ଏମ୍‌ବିଏ (ଆଦିତ୍ୟ ଛାଟୋଇ), ଏମ୍‌ଏଫ୍‌ସି (ଅର୍ପିତା ରାଉତରାୟ) ଓ ବିବିଏର (ପାୱନୀ) ଟପ୍ପରମାନଙ୍କ ସହିତ ୨୦୨୫-୨୬ରେ କ୍ରୀଡା ଓ କଳା କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଭାଗୀୟ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ବର୍ତ୍ତମାନ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବିଭାଗର ପୂର୍ବତନ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହା ପରେ ଗ୍ରୁପ୍ ଡ୍ୟାନ୍ସ ଏବଂ ରାମ୍ପ ସୋ ପ୍ରଦର୍ଶିତ ହୋଇଥିଲା। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଡ. ଶିବପ୍ରସନ୍ନ ପଟ୍ଟନାୟକ, ଡ. ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ ଏବଂ ବରିଷ୍ଠ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ, ସୌମ୍ୟା ମହାନ୍ତି ଓ ମଧୁସ୍ମିତା ଦାସ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।




# ଆଜିଠୁ ଫିଟ୍ ଇଣ୍ଡିଆ କାର୍ନିଭାଲ

ପୁରୀ,୨୦।୩(ସମିସ): ଶନିବାରଠାରୁ ପୁରୀର ଗୋଲ୍‌ଡେନ ବିଚ୍‌ରେ ଅନୁଷ୍ଠିତ ହେବ ଫିଟ୍ ଇଣ୍ଡିଆ କାର୍ନିଭାଲ୍। ଏହି ତିନିଦିନିଆ କାର୍ଯ୍ୟକ୍ରମ ଯାହା ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ଫିଟନେସ୍, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ସମ୍ପର୍କକୁ ଏକତ୍ର କରିବ। ଏହି କାର୍ନିଭାଲ୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), ଆଞ୍ଚଳିକ କେନ୍ଦ୍ର କୋଲକାତା ଦ୍ୱାରା ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ହେଉଛି।

କାର୍ନିଭାଲ ପୁରୀ ସଂସ୍କରଣ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଆଧୁନିକ ଫିଟନେସ୍ ଅଭ୍ୟାସ ସହିତ ମିଶ୍ରଣ କରିବା ପାଇଁ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଛି, ଯାହା ପରମ୍ପରାକୁ ସମସାମୟିକ ସୁସ୍ଥତା ସହିତ ସଂଯୋଗ କରୁଥିବା ଏକ ଅନନ୍ୟ ଅଭିଜ୍ଞତା ସୃଷ୍ଟି କରିବ ବୋଲି କହିଛନ୍ତି ଭାରତୀୟ କ୍ରୀଡା ପ୍ରାଧିକରଣର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର। ଶୁକ୍ରବାର ସର୍କିଟ ହାଉସ୍‌ଠାରେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଶ୍ରୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଯୋଗ ସେସନ୍, ଜୁମ୍ବା ଏବଂ ଇଣ୍ଟରାକ୍ଟିଭ୍ ଫିଟନେସ୍ ଚ୍ୟାଲେଞ୍ଜ ସମେତ ସମସ୍ତ ବୟସ ଗୋଷ୍ଠୀ ପାଇଁ ଡିଜାଇନ୍ କରାଯାଇଥିବା ମଜାଦାର କାର୍ଯ୍ୟକଳାପ ଜୋନ୍ ସହିତ ଯୋଡ଼ା ଯାଇଛି ବୋଲି କହିଥିଲେ। ଏହି କାର୍ନିଭାଲରେ ପାରମ୍ପରିକ ଖେଳ ଏବଂ ସ୍ୱଦେଶୀ କ୍ରୀଡା ସହିତ ବେଳାଭୂମି ଭିତ୍ତିକ କ୍ରୀଡା ଯେପରି କି ବେଳାଭୂମି କ୍ରିକେଟ୍, ଭଲିବଲ୍, କୁସ୍ତି ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହେବ। ଏଥିସହ ଗୋଟିପୁଅ ନୃତ୍ୟ, ପାଇକ ଆଖଡା, ସମ୍ବଲପୁରୀ ନୃତ୍ୟ ଏବଂ ଅନ୍ୟାନ୍ୟ ପାରମ୍ପରିକ କଳା ଓ ସାଂସ୍କୃତିକ ପ୍ରଦର୍ଶନ କରାଯିବ। ପ୍ରତ୍ୟେକ ଦିନ ସକାଳ ୬ଟାରୁ ୯ଟା ଓ ଅପରାହ୍ନ ୪ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଫିଟ୍ ଇଣ୍ଡିଆ କାର୍ନିଭାଲରେ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ କ୍ରୀଡାବିତ୍‌ଙ୍କ ଉପସ୍ଥିତି ରହିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମାରାଥନର୍ ତଥା ଦୁଇଥର ମାନ୍ୟୁଆଲ୍ ଟ୍ରେଡମିଲ୍‌ଧାରୀ ସୁମିତ କୁମାର ସିଂହ, ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାର (ଭାରୋତ୍ତୋଳନ), ଅଲିମ୍ପିଆନ୍ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦଙ୍କ ଭଳି ପ୍ରସିଦ୍ଧ କ୍ରୀଡାବିତ୍ ଯୋଗଦେବେ। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାଇର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପ ନିର୍ଦ୍ଦେଶକ ତୈଲୋକ୍ୟ ନାଥ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



## ସମସ୍ୟା ଘେରରେ ଜିଲ୍ଲା ପାଠାଗାର

# କର୍ମଚାରୀଙ୍କୁ ନିର୍ଯାତନା; ଗୁମୁରି କାନ୍ଦୁଛି 'ଅଧ୍ୟୟନ'

### ଏସିରୁ ଗଳୁଛି ପାଣି, ସଠିକ ସଫେଇ ହେଉନି
### ମାସିକ ୩ ହଜାର ଟଙ୍କାରେ ଖଟୁଛନ୍ତି ମହିଳା
### ସିଡିଓଙ୍କ ଛାନଭିନ୍, ସୁଧାରିବାକୁ ପରାମର୍ଶ

ନୟାଗଡ଼,୨୦ ।୩(ସମିସ)

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ଜିଲ୍ଲା ପାଠାଗାର "ଅଧ୍ୟୟନ' ଅଧ୍ୟାୟ ଏବେ ଶେଷ ହେବାକୁ ବସିଛି । ପାଠାଗାରର ନାନା ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିର୍ବାହୀ ଅଧିକାରୀ କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି । ଶିକ୍ଷା ପାଇଁ ଏକ ଦୂରଦର୍ଶୀ ଚିନ୍ତାଧାରା ନେଇ ନିର୍ମାଣ କରାଯାଇଥିବା ଅଧ୍ୟୟନ ଏବେ ସମସ୍ୟା ଭିତରେ ଗୁମୁରି କାନ୍ଦୁଛି । ଦୁଇ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାସିକ ୩ ହଜାର ଟଙ୍କା ଦରମାରେ ଖଟାଉଛନ୍ତି । ପେଟର ଭେକକୁ ପେଟରେ ମାରି କୋହଭରା କଷ୍ଟରେ ମହିଳାମାନେ କାମ କରୁଛନ୍ତି ।

ଜିଲ୍ଲା ପାଠାଗାର ସାଧାରଣ ସମସ୍ୟା ଦୂର କରିବା ପାଇଁ ପୌର ନିର୍ବାହୀ ଅଧିକାରୀ ଆଦୌ ଦୃଷ୍ଟି ଦେଉନାହାନ୍ତି । ପ୍ରତ୍ୟେକ ଦିନ ଶତାଧିକ ଛାତ୍ରଛାତ୍ରୀ ଏଠାକୁ ପାଠ ପଢ଼ିବାକୁ ଆସୁଛନ୍ତି । ଅନେକ ଛାତ୍ରଛାତ୍ରୀ କମ୍ପିଟିଟିଭ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଆସୁଛନ୍ତି । ମାତ୍ର ସାଧାରଣ ସମସ୍ୟା ଦୂର ହେଉ ନ ଥିବାରୁ ଗତକାଲି ଶତାଧିକ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ ପାଖକୁ ଆସି ଅଭିଯୋଗ କରିଥିଲେ । ଜିଲ୍ଲାପାଳ ତୁରନ୍ତ ପାଠାଗାରରେ ପହଞ୍ଚି ସମସ୍ତ ବିଷୟ ଅନୁଧ୍ୟାନ କରିବା ସହ ନିର୍ବାହୀ ଅଧିକାରୀଙ୍କୁ କଡ଼ା ତାଗିଦ୍ କରିଥିଲେ । ଆଜି




ସକାଳେ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଲଗ୍ନଜିତ ରାଉତ ଜିଲ୍ଲା ପାଠାଗାରରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ ସମସ୍ତ ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇଛନ୍ତି । ଏହି ସମସ୍ୟାଗୁଡ଼ିକ ମଧ୍ୟରେ ଅନେକ ଅକୁହା ସମସ୍ୟା ରହିଛି । ଦୁଇଜଣ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖଟୁଥିବା ବେଳେ ସେମାନଙ୍କୁ ମାସକୁ ମାତ୍ର ୩ ହଜାର ଟଙ୍କା ବେତନ ଦିଆଯାଉଛି । ଜିଲ୍ଲା ପାଠାଗାର ଲାଇବ୍ରେରିଆନ୍ ସସ୍ମିତା ମହାନ୍ତିଙ୍କୁ ୧୦ ମାସର ଦରମା ମିଳିନାହିଁ । ଯାହାକୁ ଲୁଚାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଇଥିଲେ ମଧ୍ୟ ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି । କେବଳ ନିର୍ବାହୀ ଅଧିକାରୀଙ୍କ ଜିଦ୍ ପାଇଁ କର୍ମଚାରୀମାନେ ନିର୍ଯାତିତ ହେଉଥିବା ବେଳେ ଜିଲ୍ଲା ପାଠାଗାର ସମସ୍ୟା ଭିତରକୁ ଠେଲି ହେଇଯାଉଛି । ସମସ୍ୟା ସୁଧାରିବା ପାଇଁ ଅର୍ଥ ଅଭାବ ନ ଥିବା ବେଳେ ମାନସିକତା ଅଭାବ ହିଁ ଏଭଳି ପରିସ୍ଥିତି ସୃଷ୍ଟି କରିଛି । ଜିଲ୍ଲା ପାଠାଗାର ସମସ୍ୟାକୁ ୭ ଦିନ ମଧ୍ୟରେ ସମାଧାନ କରା ନ ଗଲେ ସମସ୍ତ ଛାତ୍ରଛାତ୍ରୀ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିବା ସହ ନିର୍ବାହୀ ଅଧିକାରୀଙ୍କ ତୁରନ୍ତ ବଦଳି ଦାବି କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ପାଠାଗାରେ ଦୁଇଟି ନୂଆ ଶୌଚାଳୟ ନିର୍ମାଣ, ଆକ୍ୱାଗାର୍ଡ ବ୍ୟବସ୍ଥା, ଆନୁଷଙ୍ଗିକ ବ୍ୟବସ୍ଥା, ହାଇ କ୍ୱାଲିଟି କମ୍ପ୍ୟୁଟରର ଆବଶ୍ୟକତା ରହିଛି । ତୁରନ୍ତ ଏହି ସବୁ ସମସ୍ୟା ଦୂର କରିବା ସହ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ କର୍ମଚାରୀ ମଧ୍ୟ ନିଯୁକ୍ତି କରିବା ନିହାତି ପ୍ରୟୋଜନ ହୋଇଛି । ନଚେତ୍ ଜିଲ୍ଲାପାଳ ପୌର ପରିଷଦ ନିକଟରୁ ଜିଲ୍ଲା ପାଠାଗାର କ୍ଷମତାକୁ ବାହାର କରି ଜିଲ୍ଲା ପ୍ରଶାସନ ହାତକୁ ଆଣନ୍ତୁ ବୋଲି ଛାତ୍ରଛାତ୍ରୀ କହିଛନ୍ତି ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଭାପୁର,୨୦ ।୩(ସମିସ): ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ କାଶିନାଥ ମହାପାତ୍ରଙ୍କ ପରଲୋକ ହୋଇଛି । ସେ କିଛିଦିନ ହେଲା କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ । ଗୁରୁବାର ରାତି ୮ଟାରେ ତାଙ୍କ ମାଣିବନ୍ଧ ଗ୍ରାମସ୍ଥିତ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ, ବୋହୂ, ଦୁଇ ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ଶେଷ ଦର୍ଶନ ପାଇଁ ଆଖପାଖର ଅନେକ ବ୍ୟକ୍ତି ପହଞ୍ଚିଥିଲେ । ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି । ବଡ଼ପୁଅ ନାରାୟଣ ମହାପାତ୍ର ମୁଖାଗ୍ନି ଦେଇଛନ୍ତି ।

## ବିଶ୍ୱ ପଖାଳ ଦିବସ ପାଳିତ



ଗଣିଆ,୨୦ ।୩(ସମିସ): ଗଣିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମାର୍ଚ୍ଚ ୨୦ ତାରିଖ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ଶିକ୍ଷାବିତ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗିରୀଶ କୁମାର ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ବାଙ୍କନିଧି ରାଉତ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ମହାରଣା, ସାମ୍ବାଦିକ ଦେବୀପ୍ରସାଦ ଦାଶ, ସରୋଜ କୁମାର ଦାଶ, କୈଳାସ ଚନ୍ଦ୍ର ସାହୁ, ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ଶିକ୍ଷକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତଙ୍କୁ ଦହି ଛୁଙ୍କ ପଖାଳ ସାଙ୍ଗକୁ ବଡ଼ିଚୁରା, ପାମ୍ପଡ଼, ଛୁଇଁଆଳୁ ଭଜା, ଶାଗଭଜା, ଆମ୍ବ ଛେଚା, ସାଲାଡ, ବାଇଗଣ ଭଜା ଆଦି କଦଳି ପତ୍ରରେ ପରସା ଯାଇଥିଲା ।

## ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍, ହରଡ଼ଘଣାରେ ଶିକ୍ଷକ

ଓଡ଼ଗାଁ,୨୦ ।୩(ସମିସ): ଓଡ଼ଗାଁ ବ୍ଲକ ବାଉଁଶଗାଡ଼ିଆ ଭୀମସେନ କୃଷି ବିଦ୍ୟାପୀଠର ଜଣେ ଶିକ୍ଷକ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ ପଠାଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଶିକ୍ଷକ ସୋମନାଥ ଚୌଧୁରୀଙ୍କୁ ଗ୍ରାମବାସୀ ଓ ପରିବାର ଲୋକେ ବିଦ୍ୟାଳୟରେ ପଚରାଉଚରା କରିଥିବା ବେଳେ ପରିସ୍ଥିତି ଉଗ୍ର ହୋଇଥିଲା । ୧୧୨ ଯୋଗେ ଅଭିଯୋଗ ପରେ ଓଡ଼ଗାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ହେପାଜତକୁ ନେଇଛି । ପରେ ଥାନାରେ ପ୍ରଧାନଶିକ୍ଷକ, ଅନ୍ୟ ଶିକ୍ଷକ ଓ ଅଭିଯୋଗକାରୀଙ୍କ ପକ୍ଷରୁ ଲୋକମାନେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଅଭିଯୋଗକାରୀମାନେ ଆଗାମୀ ଦିନରେ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟକୁ ଆସିବାକୁ ବିରୋଧ କରିଥିଲେ । ଏଥିରେ ଶିକ୍ଷକ ସମ୍ମତି ଜଣାଇବା ପରେ ଘଟଣା ସ୍ଥାନୀୟ ସ୍ତରରେ ମୀମାଂସା ହୋଇଥିବା କୁହାଯାଉଛି । ଏହି ଅଶ୍ଳୀଳ ମେସେଜ ଅଭିଯୋଗକୁ ନେଇ ଥାନାରେ ପୂର୍ବରୁ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାରୁ ପୁଲିସ ଶିକ୍ଷକଙ୍କୁ ଛାଡ଼ି ଦେଇଛି । ଘଟଣା ସମ୍ପର୍କରେ ବିଇଓ କାର୍ଯ୍ୟାଳୟକୁ ମଧ୍ୟ ସୂଚନା ମିଳିଥିବା ଜଣାପଡ଼ିଛି । ବିଭାଗୀୟ କର୍ତ୍ତୃପକ୍ଷ କେଉଁ ପଦକ୍ଷେପ ଗ୍ରହଣ କରିବେ, ସେ ନେଇ ସମସ୍ତଙ୍କ ଦୃଷ୍ଟି ରହିଛି । ଅପରପକ୍ଷରେ ଶୁକ୍ରବାର ଓଡ଼ଗାଁ ଥାନାରେ ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିବା ଖବର ମିଳିଛି । ଏତେ ଗୁରୁତର ଅଭିଯୋଗ ହଠାତ୍ କିପରି ମୀମାଂସା ହେଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

ଭାପୁର,୨୦ ।୩(ସମିସ): ଭାପୁର ବ୍ଲକ ଭାପୁର ପଞ୍ଚାୟତ ମହୁଲିଆ ଗ୍ରାମ ବଡ଼ଦ୍ୱାର ପୀଠ ମା' ତାରିଣୀ ମନ୍ଦିର ୨୮ ତମ ବାର୍ଷିକ ଉତ୍ସବ ଓ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଭାପୁର ଗୋଳାପୋଖରୀ ରାସ୍ତା କଡ଼ରେ ମା' ତାରିଣୀଙ୍କ ବିଜେସ୍ଥଳୀରେ ମହୁଲିଆ ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ଦ୍ୱାରା ଏହି ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୨୮ ବର୍ଷ ଧରି ଚାଲୁ ରହିଛି । ଶୁକ୍ରବାର ଶୁଭାଧିବାସ, କଳସଯାତ୍ରା ହୋମଯଜ୍ଞ, ନାମ ସଂକୀର୍ତ୍ତନ ସହ ଅପରାହ୍ନରେ ମହିଳା ପାଲା ଓ ରାତିରେ ରାମନାଟକ ଅନୁଷ୍ଠିତ ହୋଇଛି । ଶନିବାର ହୋମଯଜ୍ଞ ସହ ଅପରାହ୍ନରେ ଦୁଆରି ଓ ରାତିରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଛି ।

## ୫ମରେ ୪, ୮ମରେ ଜଣେ ଫେଲ୍

ଗଣିଆ,୨୦ ।୩(ସମିସ): ଓଡ଼ିଶାରେ ୫ମ ଓ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପୁଣି ଥରେ ପାସ୍‌ଫେଲ୍ ବ୍ୟବସ୍ଥା ଲାଗୁ କରାଯାଇଛି । ଗଣିଆ ବ୍ଲକରେ ୪୬୯ ଛାତ୍ରଛାତ୍ରୀ ୫ମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ୪ ଜଣ ଫେଲ୍ ହୋଇଛନ୍ତି । ସେହିପରି ୪୧୬ ଜଣ ୮ମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଜଣେ ଫେଲ୍ ହୋଇଥିବା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ବିନୋଦିନୀ ପଣ୍ଡା ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କିଶୋର ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ୨ ଜଣ, ପାଣ୍ଡରାସିଙ୍ଗାରୁ ଜଣେ ଏବଂ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଜଣେ ୫ମ ଶ୍ରେଣୀ ପରୀକ୍ଷାରେ ଫେଲ୍ ହୋଇଥିବା ବେଳେ ୮ମ ଶ୍ରେଣୀର ଜଣେ ବୋଲି ଫେଲ୍ ହୋଇଛନ୍ତି ।

## କୁମ୍ଭାରପଡ଼ା ଗ୍ରାମରେ ୧୪ ଦୋଳଯାତ୍ରା

ଖଣ୍ଡପଡ଼ା,୨୦ ।୩(ସମିସ): ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଗ୍ରାମ ଯାତ୍ରା ପଡ଼ିଆରେ ୧୪ ଦୋଳଯାତ୍ରା ଗତ ୩ ଦିନ ଧରି ଅନୁଷ୍ଠିତ ହୋଇଛି । ପ୍ରଭୁ ଶ୍ରୀ ଲଡୁକେଶ୍ୱରଦେବ, ଶ୍ରୀ ଚନ୍ଦ୍ରଶେଖର ଦେବ, ଶ୍ରୀମଦନ ମୋହନ ଦେବଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରି ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ । ଗ୍ରାମର ଆରାଧ୍ୟ ଶ୍ରୀ ଲଡୁକେଶ୍ୱର ଦେବଙ୍କ ନିକଟରେ ମହାରୁଦ୍ରାଭିଷେକ କରାଯାଇଥିଲା । ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ୧୪ ଦୋଳଯାତ୍ରାକୁ ସରସସୁନ୍ଦର କରିବା ପାଇଁ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯାତ୍ରାପଡ଼ିଆରେ ବିଗ୍ରହମାନଙ୍କ ମେଳଣ ପର୍ବ ଉପଭୋଗ କରିବା ନିମନ୍ତେ ଆଖପାଖ ଗ୍ରାମରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା ।

### ● ବୈଜ୍ଞାନିକ ପ୍ରଣାଳୀରେ କାଜୁ ଚାଷରେ ସଫଳତା

## ବିରଞ୍ଚି ନାରାୟଣ ବେହେରା ସମ୍ମାନିତ

ଓଡ଼ଗାଁ,୨୦ ।୩(ସମିସ): ଓଡ଼ଗାଁ ଥାନା ତଥା ନୂଆଗାଁ ବ୍ଲକ ବାହାଡ଼ାଝୋଲା ନିକଟ ବଧୁଲୀପୁର ଗ୍ରାମର ଚାଷୀ ବିରଞ୍ଚିନାରାୟଣ ବେହେରା ବୈଜ୍ଞାନିକ ପଦ୍ଧତିରେ କାଜୁ ଚାଷ କରି ସଫଳତା ଅର୍ଜନ କରିଛନ୍ତି । ଏଥିପାଇଁ ତାଙ୍କୁ ସମ୍ମାନିତ କରାଯାଇଛି । ସର୍ବଭାରତୀୟ କାଜୁ ଗବେଷଣା ପ୍ରକଳ୍ପ ସହ ସମ୍ପୃକ୍ତ ରହି ସେ ଆଧୁନିକ ଜ୍ଞାନକୌଶଳରେ



କାଜୁ ଚାଷରେ ଉଲ୍ଲେଖନୀୟ ସଫଳତା ଲାଭ କରିଛନ୍ତି । ତାଙ୍କର ଏହି ସଫଳତା ଅଞ୍ଚଳର ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ହୋଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଦ୍ୱାରା ଆୟୋଜିତ କୃଷକ ମେଳା-୨୦୨୬ରେ ତାଙ୍କୁ ଏହି ସମ୍ମାନିତ କରାଯାଇଛି । କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ଉଦଘାଟନୀ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କୃଷିମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସନ ସଚିବ ରାମଚନ୍ଦ୍ର ରାଘବ, କୁଳପତି ପ୍ରଭାତ କୁମାର ରାଉତ ଓ ପ୍ରଫେସର ନିରଞ୍ଜନ ପଣ୍ଡା ପ୍ରମୁଖ ବିରଞ୍ଚିଙ୍କୁ ସମ୍ମାନିତ କରିଥିଲେ ।

## ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

### ଦୁଇ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନଷ୍ଟ

ଗଣିଆ,୨୦ ।୩(ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ରାଉତପଡ଼ା କୈବର୍ତ୍ତ ସାହିରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୩ ବଖରା ଘର ପୋଡ଼ି ପାଉଁଶ ହୋଇଛି । ଘରେ କେହି ନ ଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଗ୍ରାମର ପ୍ରତାପ ସାହୁ ଏବଂ ବାଦଲ ସାହୁଙ୍କ ଘରେ ନିଆଁ



ଲାଗିଥିଲା । ଚାହୁଁ ଚାହୁଁ ନିଆଁ ୩ ବଖରା ଘରକୁ ଧ୍ୱଂସ କରିଦେଇଥିଲା । ଦମକଳ ବାହୀନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଧାର କରଜ କରି ଛାତ ପକାଇବା ପାଇଁ ରଖିଥିବା ୨ ଲକ୍ଷ ଟଙ୍କା, ସୁନାରୁପା ଅଳଙ୍କାର, ଆସବାବପତ୍ର, ଧାନ, ଚାଉଳ ସବୁ ପୋଡ଼ିଯାଇଛି । ପିନ୍ଧା ଲୁଗାକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ । ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବିଡିଓ ଲବଣ୍ୟେନ୍ଦୁ ମହାନ୍ତି, ସରପଞ୍ଚ ସୁକାନ୍ତ କୁମାର ଗଣ୍ଡିଆ, ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ଭେଟିଛନ୍ତି । ପଞ୍ଚାୟତ ତରଫରୁ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି । ରେଡକ୍ରସ ତରଫରୁ ଉଭୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି । ତହସିଲ ତରଫରୁ ଉଭୟଙ୍କୁ ଜରିପାଲ ପ୍ରଦାନ କରାଯିବ ବୋଲି କୁହାଯାଇଛି । ଉଭୟ ପରିବାର ଗରିବ ହୋଇଥିବାରୁ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ ଦାବି ହେଉଛି ।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ସଫେଇ ପାଇଁ ଆବଶ୍ୟକ ସାମଗ୍ରୀ ଦେଉନି ଠିକାସଂସ୍ଥା

ନୟାଗଡ଼,୨୦ ।୩(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ, ଆଟେଣ୍ଡାଣ୍ଟ, ଇଲେକ୍ଟ୍ରିସିଆନ୍ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଆଦୌ କାମକୁ ନୁହେଁ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀଙ୍କଠାରୁ ରୋଗୀ ପର୍ଯ୍ୟନ୍ତ ଠିକାସଂସ୍ଥା କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ । ଚିକିତ୍ସାଳୟରେ ୭୫ ଜଣ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଉକ୍ତ ସଂସ୍ଥା ସଫେଇ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ପାରୁ ନ ଥିବା ଅଭିଯୋଗ ହେଉଛି । ଆବଶ୍ୟକ ସାମଗ୍ରୀ ନ ମିଳିବାରୁ କର୍ମଚାରୀମାନେ ନାନା ସମସ୍ୟା ଭୋଗିବା ସହ ସଠିକ ଭାବେ ସଫେଇ ହେଉ ନ ଥିବା ଦେଖାଯାଇଛି । ୭୫ କର୍ମଚାରୀଙ୍କୁ ୬ ଜଣ ସୁପରଭାଇଜର ନିଯୁକ୍ତି ଦେଇଥିବା ସଂସ୍ଥା ରୁମ୍ ଫ୍ରେସନର୍, ପୋଛା, ଡ୍ରାଏମୁଭ୍, ବ୍ଲିଚିଂ ଓ ଅନ୍ୟ ସାମଗ୍ରୀ ଯୋଗାଇ ପାରୁନାହିଁ । ଆବଶ୍ୟକ ସାମଗ୍ରୀ ମାଗିଲେ ସ୍ଥାନୀୟ ପରିଚାଳକ କର୍ମଚାରୀଙ୍କୁ ଧମକ ଦେଉଛନ୍ତି । କାମରୁ ବାହାର କରିଦେବାକୁ ଧମକ ଦେଇ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବଡ଼ପଣ୍ଡାମାନେ ଉକ୍ତ ସଂସ୍ଥାକୁ ମୁଣ୍ଡରେ ବସାଇଥିବା ବେଳେ କାମ ହେଉ ବା ନ ହେଉ ଧ୍ୟାନ ଦେଉନାହାନ୍ତି । ଜିଲ୍ଲାପାଳ ତାଗିଦ୍ କଲେ ମୁଣ୍ଡ ହଲାଉଥିବା ବେଳେ ପଛରେ ବୟାନବାଜି କରୁଛନ୍ତି । ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିନଟେଣ୍ଡେଣ୍ଟ ତଥା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସବୁଜାଣି ନିରବ ରହୁଛନ୍ତି । ଠିକାସଂସ୍ଥା ମାସକୁ ଲକ୍ଷ ଲକ୍ଷ ଟଙ୍କା ନେଉଥିଲେ ମଧ୍ୟ କାମ ସଠିକ ଭାବେ ନ ହେବା ଚିନ୍ତାର ବିଷୟ ପାଲଟିଛି । ମତାମତ ପାଇଁ ଠିକାସଂସ୍ଥା ଅଧକ୍ଷ ଜଗନ୍ନାଥ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନାହାନ୍ତି ।

## ଆଇଓସିଏଲ ପାଇପଲାଇନ୍ସ ପକ୍ଷରୁ ମକଡ୍ରିଲ



ରଣପୁର,୨୦ ।୩(ସମିସ): ଇଣ୍ଡିୟାନ ଅଏଲ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ୍) ପାଇପ ଲାଇନ ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଗୁରୁବାର ରଣପୁର ବ୍ଲକ ଦର୍ପନାରାୟଣପୁର କାକଲମା ପଡ଼ିଆରେ ବିପର୍ଯ୍ୟୟ ମୁକାବିଲା ମକଡ୍ରିଲ ଅନୁଷ୍ଠିତ ହୋଇଛି । ଆଇଓସିଏଲ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଇପ ଲାଇନ ବିଛାଯାଇଛି । ଯଦି ସେହି ପାଇପଲାଇନ କୌଣସି ସ୍ଥାନରେ ଲିକେଜ ହୁଏ ବା ନିଆଁ ଲାଗେ କିମ୍ବା ଚୋରି ହୁଏ ତେବେ ସେ ସବୁକୁ କିପରି ଆୟତ୍ତ କରାଯାଇ ପାରିବ ଓ କୌଣସି ଧନଜୀବନ ନଷ୍ଟ ନ ହେବ ସେଥିପାଇଁ ଆଇଓସିଏଲ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । ଏପରି ଘଟଣା ଘଟିଲେ ତୁରନ୍ତ କମ୍ପାନୀକୁ ସୂଚନା ଦେବା ସହିତ ନିଜେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଅତିଥି ଡେପୁଟି କଲେକ୍ଟର, ଡିପିଓ, ଡା. ଦେବାଶିଷ ପରିଡ଼ା, ରଣପୁର ଅଗ୍ନିଶମ ଅଧିକାରୀ ସୌମ୍ୟରଞ୍ଜନ ସେଠୀ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ପରିଚାଳକ ଭି. ସୁଧାକର ଭେଉରୀ, ପୁଲିସ ଅଧିକାରୀ ଦୁର୍ଯ୍ୟୋଧନ ପଲେଇ ଉପସ୍ଥିତ ଥିଲେ ।

### ଶ୍ରୀରାମ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଶ୍ରୀରାମଙ୍କ ବାଲ୍ୟଲୀଳା ପରିବେଷଣ

ଭାପୁର,୨୦ ।୩(ସମିସ): ଫତେଗଡ଼ ଶ୍ରୀରାମ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଶ୍ରୀରାମ ମହୋତ୍ସବ ଆୟୋଜିତ ହେଉଛି । ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନରେ ପ୍ରବଚକ ସତ୍ୟ ଚୈତନ୍ୟ ଦାସ ମହାରାଜ ଶ୍ରୀ ରାମଚନ୍ଦ୍ରଙ୍କ ବାଲ୍ୟଲୀଳା ପରିବେଷଣ କରିଥିଲେ । ସକାଳେ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଭଜନ ପରିବେଷଣ ପରେ ପାରାୟଣ ପ୍ରବଚନ



ହୋଇଥିଲା । ବ୍ୟାସଭାବେ ସୂର୍ଯ୍ୟନାରାୟଣ ଦାସ ଓ ଆଚାର୍ଯ୍ୟ ଶ୍ରୀନିବାସ ଦାଶ ରହିଥିଲେ । ମନ୍ଦିର ମୁଖ୍ୟ ପୂଜକ ସୁଶାନ୍ତ କୁମାର କର ସାଧୁସନ୍ଥଙ୍କୁ ସ୍ୱାଗତ କରିଥିଲେ ।

### ଆବାସ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ବାତିଲ

## ବିଧାୟକଙ୍କ ଉପରେ ବର୍ଷିଲେ ଏନ୍‌ଏସି ଅଧକ୍ଷା

ଖଣ୍ଡପଡ଼ା,୨୦ ।୩(ସମିସ): ଖଣ୍ଡପଡ଼ା ଏନଏସି ଅଧକ୍ଷା ଓ ଖଣ୍ଡପଡ଼ା ବିଧାୟକଙ୍କ ମଧ୍ୟରେ ଦେଖା ଦେଇଥିବା ରାଜନୈତିକ ବିବାଦ ଯୋଗୁଁ ସାଧାରଣ ଲୋକଙ୍କ ଉପରେ କୁପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ଦୀର୍ଘ ମାସ ପରେ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଚିହ୍ନଟ ବିଭିନ୍ନ ୱାର୍ଡର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶପତ୍ର ବଣ୍ଟନ ନିମନ୍ତେ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଏନଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥି ନିମନ୍ତେ ଏନଏସି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା ବେଳେ ହିତାଧିକାରୀଙ୍କୁ ଡାକବାଜି ଯନ୍ତ୍ର ଯୋଗେ ୨ ଦିନ ପୂର୍ବରୁ ସୂଚନା ଦିଆଯାଇଥିଲା । ସୂଚନା ମୁତାବକ ଆବାସ ଯୋଜନାରେ ୧୯୭ କାର୍ଯ୍ୟାଦେଶପତ୍ର ଓ ୭୦ ନୂତନ ଖାଉଟି କାର୍ଡ ପାଇବା ଆଶାରେ ହିତାଧିକାରୀମାନେ କଲ୍ୟାଣମଣ୍ଡପରେ ଅପରାହ୍ନରେ ଏକତ୍ରିତ ହୋଇଥିଲେ ।



ମାତ୍ର ବିଧାନସଭା ଚାଲିଥିବା ସମୟରେ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ଓ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ ବୋଲି ନୟାଗଡ଼ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କୁ ପତ୍ର ଜରିଆରେ ନିର୍ଦ୍ଦେଶ ଦେବା ପରେ ଏନଏସି କର୍ତ୍ତୃପକ୍ଷ କାର୍ଯ୍ୟକ୍ରମକୁ ବାତିଲ କରିଥିଲେ । ଏହି ଘଟଣାକୁ ନେଇ ଖଣ୍ଡପଡ଼ା ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆବାସ ଯୋଜନାରେ କାର୍ଯ୍ୟାଦେଶ ଓ ଖାଉଟି କାର୍ଡ ନ ପାଇ ହିତାଧିକାରୀମାନେ ନିରାଶ ହୋଇ ଘରକୁ ଫେରିଛନ୍ତି । ଏଭଳି ପରିସ୍ଥିତି ସ୍ଥାନୀୟ ବିଧାୟକଙ୍କ ପାଇଁ ସୃଷ୍ଟି ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି । ଫଳରେ ଜନସାଧାରଣଙ୍କ ସ୍ୱାର୍ଥ ବଳି ପଡ଼ିଲା ବୋଲି ଏବେ ଖଣ୍ଡପଡ଼ା ସହରସାରା ଆଲୋଚନା ହେଉଛି । ହୀନ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଏଭଳି କାର୍ଯ୍ୟକ୍ରମକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିବା ନେଇ ଏନଏସି ଅଧକ୍ଷା ଆରତୀ ପ୍ରଧାନ ଏବଂ ସମାଜସେବୀ ତଥା ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ କହିଛନ୍ତି । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ଜନ୍ମଦିନ ପାଳନ

### ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ନୟାଗଡ଼,୨୦ ।୩(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମାଳିସାହି ଗତିକେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦିଆ ନ ଯାଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ମନଇଚ୍ଛା କାରବାର କରୁଛନ୍ତି । ଶୁକ୍ରବାର ଗ୍ରାମର କିଛି ବ୍ୟକ୍ତି ବିଦ୍ୟାଳୟକୁ ଯିବା ସମୟରେ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଜଣେ ଶିକ୍ଷୟିତ୍ରୀଙ୍କ ଜନ୍ମଦିନ ପାଳନ କରୁଥିବା ଦେଖାଯାଇଥିଲା । କେକ କାଟିବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପରୀକ୍ଷା ଖାତାଦେଖା ଡ୍ୟୁଟିରେ ଯାଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟରେ ନ ଥିଲେ । ଶ୍ରେଣୀଗୃହରେ ଛାତ୍ରଛାତ୍ରୀମାନେ କୋଳାହଳ କରୁଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀମାନେ କେବଳ ଉପସ୍ଥାନ ପକାଇ ଅଫିସରେ ବସି ରହିଥିବା ଦେଖାଯାଇଥିଲା । ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଯାଇଛି । ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାନ୍ଦା କରାଯାଇ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ଜନ୍ମଦିନ ପାଳନ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି । ଘଟଣା ସମ୍ପର୍କରେ ଅଧିକ ଜାଣିବା ପାଇଁ ପ୍ରଧାନଶିକ୍ଷୟିତ୍ରୀ ନୀଳିମା ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲା । ତେବେ ସେ ସାମ୍ବାଦିକ ବୋଲି ଜାଣିବା ପରେ ପରୀକ୍ଷା ଖାତା ଦେଖୁଛି କହି ଫୋନ୍ କାଟି ଦେଇଥିଲେ ।



# ବିପୁଳ ମଦ ଓ ଭାଙ୍ଗ ସହ ବାଇକ ଜବତ, ଦୁଇ ଗିରଫ

ବାଲୁଗାଁ,୨୦ ।୩(ସମିସ): ବାଲୁଗାଁବାଣପୁରବେଆଇନମଦକାରବାରପେଣ୍ଠସ୍ଥଳପାଲଟିଛି। ଦୈନଦିନ ପୁଲିସ ଓ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ଜବତ କରିବାସହମଦବେପାରୀଙ୍କୁ ଗିରଫ କରୁଛି। ହେଲେଅଞ୍ଚଳରୁବେଆଇନମଦକାରବାରବନ୍ଦ ହେବାର ନାଁ ଧରୁନି। ଏପରି ସ୍ଥଳେ ବାଲୁଗାଁ ଅବକାରୀ ଟିମ ଶୁକ୍ରବାର ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମଦ ଏବଂ ଭାଙ୍ଗ ଜବତ କରିଥିବା ବେଳେ ଏହି ବେଆଇନ ନିଶା କାରବାରରେ ସମ୍ପୃକ୍ତ ଦୁଇ ବେପାରୀଙ୍କୁ ଗିରଫ କରିଛନ୍ତି। ବାଣପୁର ଥାନା ଅନ୍ତର୍ଗତ ହାତୀମୁଣ୍ଡା ଗ୍ରାମର ଗୋବିନ୍ଦ ରାଉତ ଏକ ବାଇକ ଯୋଗେ ବେଆଇନ ଭାବେ ମଦ ଚାଲାଣ କରୁଥିବା ବେଳେ ଅବକାରୀ ଟିମ ବାଣପୁରର ବାଲେଡି ଛକ କେନାଲ ରୋଡ଼ରେ ଚଢ଼ାଉ କରି ଅଭିଯୁକ୍ତ ଗୋବିନ୍ଦକୁ ଗିରଫ କରି ତାଠାରୁ ଏକ ବାଇକ ସମେତ ୫୨ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଅବକାରୀ ଟିମ ନାଚୁଣୀ ଥାନା ଅଞ୍ଚଳରେ ଚଢାଉ କରି ନାଚୁଣୀ ଗ୍ରାମର ଅଭିଯୁକ୍ତ ଯୋଗୀ ପୃଷ୍ଟିଙ୍କୁ ଗିରଫ କରି ତାଙ୍କ ଘର ବାରି ପାଖରୁ ୧୦ କେଜି ଭାଙ୍ଗ ଓ ଏକ ଗ୍ରାଇଣ୍ଡର ଜବତ କରିଛନ୍ତି। ଜବତ ମଦ ଓ ଭାଙ୍ଗର ମୂଲ୍ୟ ୧ ଲକ୍ଷ ୯ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇ ଥିବା ବେଳେ ଏ ସଂକ୍ରାନ୍ତ ଅବକାରୀ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ ଚଢ଼ାଉରେ ଅବକାରୀ ବିଭାଗର ଏଏସଆଇ ରାମଚନ୍ଦ୍ର ଜେନା, କନେଷ୍ଟବଳ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।



# ୮୫୦ ବୋତଲ କଫ୍‌ସିରପ ସହ ଲକ୍ଷାଧିକ ଟଙ୍କା ଜବତ

ଖୋର୍ଦ୍ଧା,୨୦।୩ (ସମିସ):

ଶିଶ୍ବାଞ୍ଚଳ ଥାନା ପୁଲିସକୁ ମିଳିଛି ବଡ ସଫଳତା। ମାଷ୍ଟରମାଇଣ୍ଡ ଡିଲର ସମେତ ୪ଜଣ ବେପାରୀଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ଗିରଫଙ୍କ ମଧ୍ୟରେ ମୁଖ୍ୟ ଡିଲର ବେଗୁନିଆ ଥାନା ଅନ୍ତର୍ଗତ କଡବର ରଞ୍ଜନ ପାଟ୍ଟଶାଣୀ (୨୫) ରହିଛି। ସେହିପରି ଅନ୍ୟ ୩ଜଣ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟ କଂଟାଛକର ଜଗନ୍ନାଥ ପ୍ରଧାନ (୪୪), କଟକ ଜିଲ୍ଲା ନୂଆପଡା ବାଲିସାହିର ଜ୍ୟୋତିରଞ୍ଜନ ସାହୁ (୩୪) ଏବଂ ସେକ୍ ବଜାରର ତ୍ରିଲୋଚନ ସାହୁ (୪୨) ବୋଲି ଆଜି ଅପରାହ୍ନରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ଆନ୍ତଃରାଜ୍ୟ ନିଶା ବେପାରୀ। ସେମାନଙ୍କଠାରୁ ୮୫୦ ବୋତଲ (ପ୍ରତି ବୋତଲ ୧୦୦ମିଲି) କଫ୍‌ସିରପ୍ ସମେତ ନଗଦ ୧,୨ ୭,୧୦୦ଟଙ୍କା, ୩ଟି କାର, ୩ଟି ବାଇକ୍ ଓ ୫ଟି ମୋବାଇଲକୁ ପୁଲିସ ଜବତ କରିଥିବା କହିଛନ୍ତି।

ଏସ୍‌ପି ଶର୍ମାଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା-ଜଟଣୀ ରାସ୍ତା ପାଖର୍ ମୋଦି ପଡିଆ ଠାରେ ବଡଧରଣର କଫସିରପ କାରବାର ହେଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ଶ୍ରୀ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତକାଲି



ରାତି ୮.୩୦ ସମୟରେ ମାଲ ଡେଲିଭରି ପାଇଁ ସମସ୍ତେ ମୋଦି ପଡିଆ ଠାରେ ଏକାଠି ହୋଇଥିବାବେଳେ ଚଢଉ କରିଥିଲେ। ଚଢଉବେଳେ ପ୍ରଥମେ ମୁଖ୍ୟ ଡିଲର ରଞ୍ଜନକୁ ପୁଲିସ କାବୁ କରିବା ସହ ଓଡି-୦୨-ସିଆର-୧୩୩୩ ନଂ ବିଶିଷ୍ଟ ଗାଡି ପଛରୁ ୩୦୦ ବୋତଲ କଫସିରପ ଏବଂ ତା ଠାରୁ ୬୫ହଜାର ଟଙ୍କା ଜବତ କରିଥିଲା। ମାଲ ନେବାକୁ ଆସିଥିବା କଟକର ଜ୍ୟୋତିରଞ୍ଜନ ଠାରୁ ନଗଦ ୧୭,୧୦୦ଟଙ୍କା ଓ ୨ଟି ଫୋନ୍, ତ୍ରିଲୋଚନ ଠାରୁ ନଗଦ ୧୫ହଜାର ଟଙ୍କା ସହ ୨ଟି ଫୋନ୍ ଏବଂ ଏକ ବାଇକକୁ ଜବତ କରିଛି। ସେହିପରି କଂଟାଛକର ଜଗନ୍ନାଥ ଠାରୁ ନଗଦ ୩୦ହଜାର ଟଙ୍କା ସହ ଏକ ଇଭି ସ୍କୁଟର କୁ ଜବତ କରିଥିଲା।

**➤ ମୁଖ୍ୟ ଡିଲର୍ ସମେତ ୪ ଆନ୍ତଃରାଜ୍ୟ ନିଶା ବେପାରୀ ଗିରଫ**

**➤ ୩ କାର, ୩ ବାଇକ୍ ଓ ୫ ମୋବାଇଲ ଜବତ**

**➤ ହିମାଚଳପ୍ରଦେଶରୁ କଣ୍ଟେନରରେ ଓଡିଶା ଆସୁଛି କଫ୍‌ସିରପ**

ତେବେ ଥାନାରେ ତଦନ୍ତବେଳେ ପୁଲିସ ଜାଣି ବାକୁ ପାଇଥିଲା ଯେ, ହିମାଚଳ ପ୍ରଦେଶରୁ ମାଲ କଂଟେନରରେ ଓଡିଶା ଆସୁଛି। ମୁଖ୍ୟ ଡିଲର କଡବର ରଞ୍ଜନ ଏହାକୁ ଓଡିଶାରେ ରିସିଭ୍ କରିବା ପରେ ନିର୍ଦ୍ଧାରିତ ଏଜେଣ୍ଟଙ୍କ ଜରିଆରେ ସେ ଏହାକୁ ବିଭିନ୍ନ ଜିଲ୍ଲାକୁ ସପ୍ଲାଏ କରୁଛି। ଏହିକ୍ରମରେ ସେ ମୋଦିପଡିଆରେ କଟକ ଓ ଖୋର୍ଦ୍ଧା ପାର୍ଟିକୁ ମାଲ୍ ଡେଲିଭରି ଦେବାବେଳେ ପୁଲିସ ତା'ର ଏକ କାର୍‌ରୁ ୩ଶହ ବୋତଲ ଜବତ କରିଥିଲା। ପରେ ପଚରାଉଚରା ସମୟରେ ସେ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ରହୁଥିବା ଭଡାଘରେ ରଖିଥିବା କାର୍ ଭିତରେ ଅନ୍ୟ ମାଲ ଥିବା ସ୍ୱୀକାର କରିଥିଲା। ପୁଲିସ ତା'ର ଭଡାଘରେ ଚଢଉ କରି ଦୁଇଟି କାର ଓ ଏକ ବାଇକ୍ ଜବତ କରିଥିବାବେଳେ କାର ଭିତରୁ ଆହୁରି ୫୫୦ ବୋତଲ କଫସିରପ ଜବତ କରିଛି। ଜବତ କଫସିରପର ମୂଲ୍ୟ ସାଢେ ୩ଲକ୍ଷ ହେବ ବୋଲି ଏସପି କହିଛନ୍ତି। ତେବେ ହିମାଚଳ ପ୍ରଦେଶରୁ କିଏ ଏଭଳି ନିଶା ଦ୍ରବ୍ୟ ସେମାନଙ୍କ ପାଖକୁ ଦେଉଛି, ଏବଂ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତା'ର ତଦନ୍ତ ପୁଲିସ କରୁଛି। ଖୁବଶୀଘ୍ର ଏଥିରେ ସମ୍ପୃକ୍ତ ଅନ୍ୟମାନେ ଗିରଫ ହେବେ। ଅଭିଯୁକ୍ତମାନଙ୍କୁ ପୁଲିସ ୭୪/୨୬ରେ ଏକ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଛି ବୋଲି ଏସପି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ବାସ୍ତବରେ ଖୋର୍ଦ୍ଧା ଅଂଚଳରେ କଫସରିପ ବେପାର କମିବ ନା ପୂର୍ବପରି ଚାଲିବ ତାକୁ ନେଇ ଉଠିଲାଣି ପ୍ରଶ୍ନ। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁ ଉପସ୍ଥିତ ଥିଲେ।

## ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ସ୍ମୃତିସଭା

ବେଗୁନିଆ,୨୦।୩ (ସମିସ): ବେଗୁନିଆ ବ୍ଲକ କୁଞ୍ଜୁରି ପଞ୍ଚାୟତ ଅନ୍ତର୍ଗତ କୋକୋସିଂହ ଗ୍ରାମର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ସରପଞ୍ଚ ଓ ସେବା ସମବାୟ ସମିତିର ସଭାପତି ପଦ୍ମନାଭ ଖାଡଙ୍ଗାଙ୍କ ଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଓ ବିଶିଷ୍ଟ ଅତିଥି ପ୍ରଦୀପ ସାହୁ, ଶିକ୍ଷାବିତ୍ ଦେବରାଜ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ଲକ୍ଷ୍ମୀ ପ୍ରସାଦ ସାହୁ ମୁଖ୍ୟବକ୍ତା, ସୁଧାଂଶୁ ଶେଖର ଦାସ, ସରପଞ୍ଚ ଅକ୍ଷୟ ରାଉତରାୟ, ପୂର୍ବତନ ସରପଞ୍ଚ ପଦ୍ମନାଭ ସାହୁ ଓ ଭୋଳାନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଭଗବାନ ମାହାଲଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ୱର୍ଗତଙ୍କ କର୍ମମୟ ଜୀବନ ଉପରେ ସ୍ମୃତି ଚାରଣ କରିଥିଲେ। ସାନଭାଇ ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୮ ବର୍ଷରେ ଶରଧାପୁର ୧୪ ଦୋଳ ମେଳଣ

ଖୋର୍ଦ୍ଧା,୨୦।୩(ସମିସ): ଖୋର୍ଦ୍ଧାସହର ଉପକଣ୍ଠ ନାଲିପଡାଅର୍ଜୁନପୁର ପଂଚାୟତର ଶରଧାପୁର ୧୪ଦୋଳ ମେଳଣ ବୁଧବାର ମଧ୍ୟରାତ୍ରୀରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଏହା ୨୮ବର୍ଷ ରେ ପଦାର୍ପଣ କରିଛି। ଆସନ୍ତା ଶନିବାର ଅପରାହ୍ନରେ ଠାକୁରମାନେ ବେଦୀରୁ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତନ କରିବେ। ଗ୍ରାମ୍ୟକମିଟି ଦ୍ୱାରା ୩ଦିନ ଧରି ଆୟୋଜିତ ହୋଇ ଆସୁଥିବା ଏହି ଉତ୍ସବର ପରମ୍ପରା ବହୁ ପ୍ରାଚୀନ। ଶରଧାପୁର ସମେତ ୧୪ଟି ଗ୍ରାମର ୧୬ଦୋଳ ଠାକୁର ଏକାଠି ହୋଇଛନ୍ତି। ପ୍ରଥମ ଦିନ ରାତିରେ ଜମାଣ ପରେ ତା ପରଦିନ ମେଳଣ ଏବଂ ଶେଷ ଦିବସରେ ହରିହର ଭେଟନୀତି ପରେ ଉତ୍ସବ ସମାପନ ହୋଇଥାଏ। ତିନିଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନ ବଜାର, ଘରକରଣ ସାମଗ୍ରୀ ପସରା ମେଲିଥାଏ। ଏଠାରେ ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ମହାଦେବ ହେଉଛନ୍ତି ଥାନପତି। ବୁଧବାର ମଧ୍ୟରାତ୍ରୀ ବାଲୁଙ୍କେଶ୍ୱରଙ୍କୁ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ମେଳଣ ପଡିଆରେ ପୂର୍ବରୁ ସଜ୍ଜିତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ପରେ ଅନ୍ୟ ଠାକୁର ମାନେ ଆସି ବିଜେ କରିଥିଲେ। ଏହି ଚଉଦ ଦୋଳ ମେଳଣରେ ଥାନାପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଳେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜ ବାଲୁଙ୍କେଶ୍ୱର, ଟାଙ୍ଗିଆପଡାର କେଦାରଶ୍ୱର, ଗୋପପୁରିଆ ପାଟପୁର ର ରାଧାକୃଷ୍ଣଦେବ, ବେରୁହାଁର ଭଗବତ ବାସୁଦେବ, ନାଳିପଡା ଅର୍ଜୁନପୁରର ଭଗବତ ବାସୁଦେବ, ଶରଧାପୁର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଳମାର ଭଗବତ ବାସୁଦେବ, ଗଡନିଆଳର କେଦାରେଶ୍ୱର, ହଳଦିପଦାର ମଳିକେଶ୍ୱର, ଗଡତରତୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁର(ବାରିକସାହି) ର ଭଗବତ ବାସୁଦେବ, ଗୋପାଳସାହିର ରାଧାକୃଷ୍ଣ ଏବଂ ଭାଲିଆବାଡି(ସାନପଲ୍ଲୀ) ର ରାଧାକୃଷ୍ଣ ଦେବ ପ୍ରମୁଖ ଠାକୁର ମାନେ ବିଜେ କରିଛନ୍ତି।



## ଜାମିନରେ ଆସି ପୁଣି ମଦ ବିକି ଗିରଫ ହେଲା

ବାଲୁଗାଁ,୨୦ ।୩ (ସମିସ) : ଚିଲିକା କୋର୍ଟର ବିଚାରପତି କିଛି ଦିନ ପୂର୍ବେ ଏକ ବେଆଇନ ମଦ ବିକ୍ରି ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତକୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରି ଥିବା ବେଳେ ଅଭିଯୁକ୍ତ ଜଣଙ୍କ ଉପର କୋର୍ଟରେ ଅପିଲ ପାଇଁ ଜାମିନରେ ଆସିବା ପରେ ପୁଣି ଥରେ ବେଆଇନ ମଦ ବିକ୍ରି କରିବା ଅଭିଯୋଗରେ ବାଲୁଗାଁ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାଲୁଗାଁ ଥାନା ଅଧିନ ବଡକୁଳ ଗ୍ରାମର ରାମଚନ୍ଦ୍ର ସାହୁ। ଗତ ଜାନୁୟାରୀ ୧୯ ରେ ବାଲୁଗାଁ ଅବକାରୀ ଟିମ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ମଦ କାରବାର ହେଉ ଥିବାର ସୂଚନା ପାଇ ବଡକୁଳ ନିକଟ ସୁବୁଦ୍ଧିପାଟଣା ଛକରେ ବିକ୍ରି କରୁଥିବା ବେଆଇନ ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ରାମଚନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରି ଥିଲେ। ଚଳିତ ମାସ ୧୧ ତାରିଖରେ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଯୁଧିଷ୍ଠିର ଦଳେଇ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଣି କରିଥିଲେ। ଏ ନେଇ ଅଭିଯୁକ୍ତ ରାମଚନ୍ଦ୍ର ଉପର କୋର୍ଟରେ ଅପିଲ କରିବା ନିମନ୍ତେ ଜାମିନରେ ଆସି ପୁଣିଥରେ ବେଆଇନ ମଦ କାରବାର ଚଳାଇଥିଲେ। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ପୁଲିସ ଟିମ ସହ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ କରି ସୁବୁଦ୍ଧି ପାଟଣା ଛକରୁ ରାମଚନ୍ଦ୍ରକୁ ଗିରଫ କରି ତାଙ୍କ ନିକଟରୁ ୧୦୦ ବୋତଲ ଦେଶୀ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛନ୍ତି।

## ମା' ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୨୦।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ନାଲସିଂହ ଗଡଗ୍ରାମସ୍ଥିତ ମା' ତାରିଣୀଙ୍କ ପୀଠରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ୧୯ ତାରିଖରେ ଅଙ୍କୁରାରୋପଣ ପରେ ଆଜି ଜଳଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ଘଟ ସ୍ଥାପନ ହେଲା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ସୂର୍ଯ୍ୟାଦାନ ଓ ଅଗ୍ନି ସ୍ଥାପନ କରାଯିବା ସହିତ ୨୧ ତାରିଖରେ ସୂର୍ଯ୍ୟପୂଜା, ଯଜ୍ଞ କର୍ମ, ଶାଳାପୂଜା, ୨୨ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବଡ଼ବେରଣା-ଗୋବିନ୍ଦପୁର-କୋଲୁହାପାଟଣା ରାସ୍ତା ସଂଯୋଗ ଦାବି

ବେଗୁନିଆ,୨୦।୩ (ସମିସ):

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଗ୍ରାମର ନୂଆସାହି ଠାରୁ ଦୁର୍ଗାପୁର ଦେଇ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ ପାଇଁ ଜନ ସାଧାରଣ ମାନେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ଧରି ଖାଲଖମା ହୋଇ ଅବହେଳିତ ପଡ଼ିଥିବା ବେଳେ କେତେବେଳେ କେମିତି ପଞ୍ଚାୟତ ପାଣ୍ଠି ହେଉ କି ବ୍ଲକ ପ୍ରଶାସନ ପକ୍ଷରୁ ମୋରମ ବିଛାଇ ଦେଇ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ବେଶ ଦୁଇ ପଇସା ପାଇ ମାଲେମାଲ ହୋଇଥାନ୍ତି। ତେବେ ରାସ୍ତାଟିର ଦୂରତା ଦୃଷ୍ଟିରୁ ଦେଖିବାକୁ ଗଲେ ଦୁଇ କିମିରୁ ଅଢେଇ କିମି ହେଉଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପରିସୀମା ଭିତରେ ରହୁ ନ ଥିବାରୁ ତାକୁ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପଛ ପଟକୁ ଲାଗି ରହିଥିବା ସାହି ଭିତର ଦେଇ କୋଲୁହାପାଟଣା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଲଗ୍ନ କରାଗଲେ ସଚେତନ ନାଗରିକ ମତ ପ୍ରକାଶ କରିଛନ୍ତି। ଯାହା ଫଳରେ ବଡବେରଣା-ଦୁର୍ଗାପୁର-ଗୋବିନ୍ଦପୁର-କୋଲୁହାପାଟଣା ଗ୍ରାମକୁ ଯାତାୟାତ ପାଇଁ ଦୂରତ୍ୱ କମ୍ ହୋଇ ପାରିବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହେଉଛି। ତୁରନ୍ତ ଲୋକଙ୍କ ସରକାର ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଅନୁଦାନ ରାଶି ମଞ୍ଜୁର କରିବା ସହ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଦାବି ହେଉଛି।

## ବ୍ରହ୍ମଚାରିଣୀ ବେଶରେ ମା' ବନଦୁର୍ଗା

ନିରାକାରପୁର, ୨୦।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଷୋଳପୂଜାର ଦଶମ ଓ ନବରାତ୍ରିର ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟପୂଜା ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତସତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରୀୟା ପଟ୍ଟଯୋଷୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ।



## ଦେଉଳଟାଙ୍ଗି କ୍ରିକେଟ : ସେମିରେ କଲ୍ୟାଣପୁର ଓ କାଇପଦର

ଖୋର୍ଦ୍ଧା,୨୦।୩(ସମିସ): ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଓ ସାରୁଅ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କଲ୍ୟାଣପୁର ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୭ ୱିକେଟ୍ ବିନିମୟରେ ୧୬୧ରନ୍ କରିଥିଲା। ଜବାବରେ ସାରୁଅ ଦଳ ୧୫ ଓଭର ଖେଳି ୮ ୱିକେଟ ହରାଇ ୧୩୨ରନ୍ କରିଥିଲା। ଫଳରେ କଲ୍ୟାଣପୁର ଦଳ ୨୯ ରନ୍ ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ତରଫରୁ ସାଗର ଶତପଥୀ ୧୭ବଲ୍ ରୁ ୪୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟମ୍ୟାଚ୍ କାଇପଦର ଓ କୁଶପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୁଶପଲ୍ଲୀ ଦଳ ୧୫ ଓଭର ଖେଳି ୮ ୱିକେଟ ବିନିମୟରେ ୧୨୨ ରନ କରିଥିଲା। ଜବାବରେ କାଇପଦର ଦଳ ୧୦.୧ ଓଭର ଖେଳି ୪ ୱିକେଟ ବିନିମୟରେ ୧୨୪ ରନ କରିଥିଲା। ଫଳରେ ୬ ୱିକେଟ ରେ କାଇପଦର ଦଳ ବିଜୟୀ ହୋଇ ସେମିଫାଇନାଲରେ ପହଁଚିଛି। ଦଳ ତରଫରୁ ସୁରେନ୍ଦ୍ର ଚମ୍ପତିରାୟ ୩୧ ବଲରେ ୬୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ଗୋପିନାଥ ମାଝି ପରିଚାଳନା କରିଥିବାବେଳେ ସ୍କୋରର ବିଭୂଷ କୁମାର ପ୍ରଧାନ ଓ ଭାଷ୍ୟକାର ସତ୍ୟବ୍ରତ ସ୍ୱାଇଁ ରହିଥିଲେ।

# ବିଶ୍ୱ ପଖାଳ ଦିବସ; ପଖାଳରେ ମହକିଲା ଗାଁଠୁ ସହର

ବାଲୁଗାଁ, ୨୦।୩ (ସମିସ) : ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଉଛି। ଖରା ଦିନରେ ପ୍ରତି ଓଡ଼ିଆଙ୍କ ପ୍ରିୟ ଆହର ପଖାଳ ସହ ନାନାଦି ବ୍ୟଞ୍ଜନ ପ୍ରମୁଖ ଆହର ହୋଇ ଥିବା ବେଳେ ବର୍ତ୍ତମାନ ପଖାଳର ସ୍ୱାଦ କେବଳ ଓଡିଶାର ଘରେ ସୀମିତ ହୋଇ ରହି ନାହିଁ, ଏହା ବଡ ବଡ ହୋଟେଲ ଓ ରେଷ୍ଟୁରାଣ୍ଟ ସମେତ ଦେଶ ବିଦେଶରେ ମଧ୍ୟ ବେଶ ଆଦୃତ ହେବାରେ ଲାଗିଛି। ଏପରି ସ୍ଥଳେ ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବଡକୁଳ ପାନ୍ଥନିବାସ ପରିସରରେ ବିଶ୍ୱ ପଖାଳ ଦିବସ ପାଳନ ଅବସରରେ ଦେଶ ବିଦେଶରୁ ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଛୁଙ୍କ ପଖାଳ ବେଶ ଆକୃଷ୍ଟ କରିଛି। ପାନ୍ଥନିବାସ ମ୍ୟାନେଜର ଦିଲ୍ଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଛୁଙ୍କ ପଖାଳ ଆଦି ବିଭିନ୍ନ ଦେଶୀ ବ୍ୟଞ୍ଜନ ତଥା ଓଡ଼ିଆ ଖାଦ୍ୟର ନିଆରା ସମ୍ଭାର ପର୍ଯ୍ୟଟକ ମନୋଭରି ମଜା ଉଠାଇ ଥିଲେ। ପଖାଳ ସାଙ୍ଗକୁ ବଡ଼ିଚୁରା, କଖାରୁ ଫୁଲ ପୀଠଉ, ଶାଗ ଭଜା, ଆଳୁସାରୁ ଚକଟା, ବାଇଗଣ ଭର୍ତ୍ତା, ପଣସ କସା, ଭେଣ୍ଡିଆଳୁ ଫ୍ରାଏ, ଛୁଇଁ ଆଳୁ ବେସର, ଆମ୍ବ ଛେଚା, ଆଚାର, ପାମ୍ପଡ଼, ସାଲାଡ଼ ଏବଂ ଆମିଷ ମଧ୍ୟରେ ମାଛ ଭଜା ଓ ଚିଙ୍ଗୁଡ଼ି ଛେଚା ଆଦି ସ୍ୱାଦିଷ୍ଟ ବ୍ୟଞ୍ଜନକୁ ଖାଇ ମନଭରି ଉପଭୋଗ କରିଥିଲେ ପର୍ଯ୍ୟଟକ ସମେତ ସ୍ଥାନୀୟ ଅଞ୍ଚଳ ବାସୀ। ଓଟିଡିସିରେ ନିରାମିଷ ଥାଳି ସର୍ବନିମ୍ନ ୧୮୦ ଏବଂ ସର୍ବାଧିକ ୩୫୦ ଟଙ୍କା ଥିବା ବେଳେ ଆମିଷ ଥାଳି ୪୫୦ ଟଙ୍କା ରହିଛି। ଗ୍ରୀଷ୍ମଋତୁ ଅବଧି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ନିମନ୍ତେ ଏହି ପଖାଳ ବ୍ୟଞ୍ଜନ ବ୍ୟବସ୍ଥା ଜାରି ରହିବ ବୋଲି ପାନ୍ଥନିବାସ ପରିଚାଳକ କହିଛନ୍ତି।




**ଟାଙ୍ଗୀ :** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନ ଚାନ୍ଦପୁର କନ୍ଧନୟାଗଡ ବିକାଶ ମଞ୍ଚ ମିଳିତ ସହଯୋଗରେ କେରଣ୍ଡା ଟାଙ୍ଗୀ ପଞ୍ଚାୟତର ଉପେନ୍ଦ୍ରପୁର ବାଘ ମରା ବନ୍ଧ ନିକଟସ୍ଥ ଶାଗୁଆନ ବଗିଚାରେ ଉଭୟ ସଂଗଠନର ସଭ୍ୟ ମାନେ ନିଜେ ନିଜେ ରନ୍ଧା ରନ୍ଧି କରି ପଖାଳ ଦିବସ ପାଳନର ମଜା ଉଠାଇଥିଲେ। ସଜ ପଖାଳରେ ଦହି, କଞ୍ଚା ଲଙ୍କା ଓ ପୋଦିନା ପତ୍ର ମିଶାଇ ଏହାକୁ ରୁଚିକର କରାଯାଇଥିଲା। ଏହା ସହିତ ମାଛ ଭଜା, ଚିଙ୍ଗୁଡି ଭଜା, ଶାଗ ଭଜା, ବଡି ଚୁରା, ଆଳୁ ବାଇଗଣ ଟମାଟୋ ଭରତା ଓ ପଣସ ପକୋଡ଼ା ଇତ୍ୟାଦି ଅତ୍ୟନ୍ତ ସୁସ୍ୱାଦୁ ହୋଇଥିଲା। ଜଙ୍ଗଲ ପରିବେଶ ମଧ୍ୟରେ ଖୋଲା ପବନରେ ତଳେ ବସି ସମସ୍ତେ ହସଖୁସିରେ ପଖାଳ ଖାଇ ବିଶ୍ୱ ପଖାଳ ଦିବସ ନିରାଡମ୍ବରରେ ପାଳନ କରିଥିଲେ। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ପଦ୍ମନାଭ ବିଶ୍ୱାଳ, ସଂପାଦକ ମନୋଜ କୁମାର ପଟନାୟକ, କୋଷାଧ୍ୟକ୍ଷ ଦାମୋଦର ସାହୁ, ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମହାପାତ୍ର, ସଂଯୋଜକ ରଜନୀକାନ୍ତ ମିଶ୍ର ଓ ପ୍ରଶାନ୍ତ କୁମାର ବେହେରା ଓ ଚାନ୍ଦପୁର କନ୍ଧନୟାଗଡ ବିକାଶ ମଞ୍ଚର ଅଜୟ କୁମାର ମହାନ୍ତି, ଦେବରାଜ ପରିଡା, ପ୍ରଶାନ୍ତ ଦାସ, ସୁଧିର କୁମାର ବେହେରା, ମାନସ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ନିରାକାରପୁର :** ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ପଖାଳ ଦିବସ ଅବସରରେ ପଖାଳ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ହୋଇଥିବା ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କବିତାରେ କବିତାରେ ପଖାଳ ଦିବସ ଶୀର୍ଷକ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ଅଧ୍ୟାପକ ପ୍ରଭାତ କୁମାର ସାହୁ, ଅଧ୍ୟାପିକା ରେଣୁବାଳା ସାମନ୍ତରାୟ ଓ ଅଧ୍ୟାପକ ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆଙ୍କ ପଖାଳ ସବୁଠାରେ ଓଡ଼ିଆଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କହିବା ସହିତ କବିତା ପାଠ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ, ଛାତ୍ରଛାତ୍ରୀ ପଖାଳ ଦିବସ ବିଷୟରେ କବିତା ପାଠ କରିଥିଲେ।

# ମା' ଭଗବତୀଙ୍କ ପୀଠରେ ଦହି ପଖାଳ ଓ ମାଛ ଗୁଣ୍ଡି ଭଜା

ବାଣପୁର,୨୦ ।୩ (ସମିସ) : ଓଡିଆଙ୍କ ପ୍ରିୟ ପଖାଳ ଓଡ଼ିଆ ଜାତି ଭିତରେ ସୀମିତ ହୋଇ ରହି ନ ଥିବା ବେଳେ ପ୍ରଚଳିତ ପ୍ରାଚୀନ ପରମ୍ପରା ଅନୁଯାୟୀ ଓଡ଼ିଆ ଜାତିର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥ ପଖାଳ ପ୍ରିୟ ବୋଲି ଶ୍ରୀମନ୍ଦିରରେ ପ୍ରଚଳିତ ଛପନ ଭୋଗ ମଧ୍ୟରେ ପଖାଳ ନୈବେଦ୍ୟ ରହିଛି। ଏପରି ସ୍ଥଳେ ବାଣପୁରର ଆରାଧ୍ୟା ଦେବୀ ମା'ଭଗବତୀଙ୍କ ମଧ୍ୟ ପ୍ରିୟ ଏହି ପଖାଳ ନୈବେଦ୍ୟ ପ୍ରତ୍ୟେହ ମା'ଙ୍କ ବଡ଼ସିଂହାର ଧୂପରେ କେବଳ ଦହି ପଖାଳ ସହ ମାଛ ଗୁଣ୍ଡି ଭଜା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇ ଲାଗି ହେବାର ପରମ୍ପରା କେଉଁ ଆଦିମ କାଳରୁ ଚଳି ଆସୁଛି। ମଣିଷଙ୍କ ପରି ଦେବୀ ମଧ୍ୟ ପଖାଳ ସହ ମାଛ ପୋଡ଼ା ତଥା ବଳିପୋଡା, ମାଛ ଭଜା ବିଶେଷ କରି ଚିଲିକାରୁ ସଂଗୃହୀତ ସବାଖଇଙ୍ଗା ମାଛକୁ ନେଇ ଗୁଆ ଘିଅ, ମସଲା ଦେଇ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ମାଛ ଗୁଣ୍ଡି ଭଜା ମା' ଭଗବତୀଙ୍କ ପୀଠରେ ସ୍ୱାତନ୍ତ୍ରତା ବହନ କରେ। ମା'ଙ୍କ ସବୁଠାରୁ ଅତିପ୍ରିୟ ନୈବେଦ୍ୟ ମାଛ ଗୁଣ୍ଡି ଭଜା ମା' ଭଗବତୀଙ୍କ ପୀଠ ଛଡ଼ା ଓଡ଼ିଶାର ଅନ୍ୟ କୌଣସି ଶକ୍ତିପୀଠରେ ଦେଖିବାକୁ ମିଳେ ନାହିଁ। ମା'ଙ୍କ ପ୍ରିୟ ନୈବେଦ୍ୟ ଦହି ପଖାଳ ଓ ମାଛ ଗୁଣ୍ଡି ଭଜାକୁ ନେଇ ବାଣପୁର ଅଞ୍ଚଳର ଏକ ଲୋକ କଥା ଜନଶ୍ରୁତି ରହିଛି। ବାଣପୁରର ରାଜା ମା' ଭଗବତୀଙ୍କ ସମସ୍ତ ସେବା ପୂଜା ଦାୟିତ୍ୱ ଅଞ୍ଚଳର ଏକ ବ୍ରାହ୍ମଣ ପରିବାରକୁ ଦେଇ ତାଙ୍କୁ ପରିଚ୍ଛା ପଦବୀ ଅର୍ପଣ କରି ପାରିକୁଦ ଚାଲିଗଲେ। ପରିଚ୍ଛା ସାଆନ୍ତ ଭାବରେ ପରିଚିତ ଏହି ପରିବାର ମା' ଭଗବତୀଙ୍କୁ ନିଜର ଝିଅ ଭାବରେ ନିଷ୍ଠାର ସହ ମା'ଙ୍କ ସେବା ପୂଜା କରି ଆସୁଥିଲେ। ଦିନେ ସାତ ଜଣ ଝିଅ ବାଣପୁର ଦାଣ୍ଡରେ ଯିବା ବେଳେ ସଂଧ୍ୟା ହୋଇ ଯିବାରୁ ପରିଚ୍ଛାଙ୍କ ଘରେ ଆଶ୍ରୟ ନେଇଥିଲେ। ରାତିରେ ପରିଚ୍ଛା ସେମାନଙ୍କୁ ଖାଇବା କଥା ପଚାରିବାରେ ଆମେ ସମସ୍ତେ ପଖାଳ ଖାଇବୁ ବୋଲି ବଡ଼ ଭଉଣୀ କହିବାରେ ପରିଚ୍ଛାଙ୍କ ସ୍ତ୍ରୀ ରାତିରେ ପଖାଳ ସହିତ ଘିଅ ମସଲାରେ ଖଇଙ୍ଗା ମାଛ ଗୁଣ୍ଡି ଭଜା ପ୍ରସ୍ତୁତ କରି ସାତ ଝିଅଙ୍କୁ ପରସି ଥିଲେ। ସମସ୍ତେ ସନ୍ତୁଷ୍ଟ ମନରେ ପେଟପୁରା ଖାଇ ରାତିରେ ପରିଚ୍ଛାଙ୍କ ଘରର ସ୍ୱତନ୍ତ୍ର କୋଠରୀରେ ବିଶ୍ରାମ ନେଇଥିଲେ। ସକାଳୁ ପରିଚ୍ଛା ଓ ତାଙ୍କ ସ୍ତ୍ରୀ କୋଠରୀ କବାଟ ଖୋଲି ଦେଖିଲା ବେଳକୁ ସାତ ଝିଅ କୁଆଡ଼େ ଉଭାନ ହୋଇଯାଇ ଥିବା ବେଳେ ଘର ଚନ୍ଦନ ଅଗୁରୁ ଝୁଣାରେ ମହମହ ବାସୁଛି। ସେମାନେ ଦେବୀ କି ଦାନବୀ ଚିନ୍ତା କରିବା ବେଳେ ସେହି ଦିନ ରାତିରେ ପରିଚ୍ଛାଙ୍କୁ ମା' ଭଗବତୀ ସ୍ୱପ୍ନାଦେଶରେ କହିଲେ "ଆମେ ସବୁ ସାତ ଭଉଣୀ ସାତ ଦେବୀ ତୁମର ଆତିଥ୍ୟରେ ବହୁତ ଖୁସି। ତୁମ ଘର ଆଜିଠାରୁ ଆମ ବାପ ଘର ପରି, ଆମର ପ୍ରିୟ ପଖାଳ ଓ ମାଛ ଗୁଣ୍ଡି ଭଜା ସବୁଦିନ ଆମକୁ ଭୋଗ ଲାଗି କରାଇବ'। ସେହିଦିନ ଠାରୁ ମା' ଭଗବତୀଙ୍କ ପୀଠରେ ରାତ୍ର ଧୂପରେ ମା'ଙ୍କ ପ୍ରିୟ ଦହି ପଖାଳକୁ ମାଛ ଗୁଣ୍ଡି ଭଜା ଅର୍ପଣ କରିବାର ପରମ୍ପରା ଚଳିଆସୁଛି। ମନ୍ଦିର ଭିତର ପୂଜା ସହ ଆଶ୍ୱୀନ ମାସର ଷୋଳ ପର୍ବରେ ଓ ଫଗୁଣ ମାସର ଚାଚେରୀ ଭୋଗ ସମୟରେ ବାପ ଘର ତଥା ପରିଚ୍ଛାଙ୍କ ଦୁଆରେ ମା' ଭଗବତୀଙ୍କ ପ୍ରିୟ ଟଭା ପତରର ପଖାଳ ତୋରାଣି ମାଛ ଗୁଣ୍ଡି ଭଜା ଏଯାବତ୍ ଭୋଗ ଲାଗି ହେବାର ଏକ ନିଆରା ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ। ମା'ଙ୍କ ଏହି ଦୁର୍ଲଭ ପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁ ଦୋଳପୂର୍ଣ୍ଣିମାକୁ ଅପେକ୍ଷା କରି ରୁହନ୍ତି।



